ମଧୁବତୀ

Digitized by srujanika@gmail.com

ଚନ୍ଦ୍ରାବତୀ

ଲେଖକ ଓ ପ୍ରକାଶକ
ଶ୍ରୀ ନାରାୟଣ ପାଣି, ବି. ଏ; (ଅନର୍ସ)
ବି. ଇଡ୍; ଏଲ୍. ଏଲ୍. ବି.
ପାରଳାଖେମୁଣ୍ଡି (ଗଞ୍ଜାମ)

ପ୍ରଥମ ମୁଦ୍ରଣ, ୧୯୭୪

ମୂଲ୍ୟ—ଟ ୦.୭୫ ପଇସା

Digitized by srujanika@gmail.com

ଶବ୍ଦାର୍ଥ

ପୃଷ୍ଠା	ପଦ	ଅର୍ଥ
୧	ଆଲେଖ୍ୟ	ଚିତ୍ରପଟ
,,	ବିରହ ସନ୍ତପ୍ତ ଥିବା କାଳେ	ପ୍ରିୟଜନ ବିଚ୍ଛେଦ ଜନିତ କଷ୍ଟ କାଳେ
୨	ଗୁପ୍ତାବାସେ	ଗୁପ୍ତ+ଆବାସେ;ଗୁପ୍ତ ଗୃହରେ
୩	ବାସ	ଗୃହ
,,	ବନ୍ଧୁରିତ	ଖାଲ ଢ଼ିପ ଥିବା
୪	ଇନ୍ଦୀବର ନିଭ	ନୀଳ ପଦ୍ମ ପରି ସୁନ୍ଦର
,,	ଉନ୍ମେଷ	ଖୋଲି
,,	ନଳିନୀ	ପଦ୍ମ
,,	ଅକ୍ଷିପକ୍ଷ୍ମ	ଆଖିର ପତା
,,	ବିଭ୍ରମିକା	ଭ୍ରମ
,,	ନିତମ୍ବ	ପିଣ୍ଡ
,,	ଧୃତି	ଧୈର୍ଯ୍ୟ
୫	ପୀନ	ଉଚ୍ଚ
,,	ଦନ୍ତକର୍ଣ	ଦନ୍ତ ରୂପକ ହସ୍ତୀ
୬	ପଲ୍ଲବନିଭ	ପତ୍ର ପରି ସୁନ୍ଦର

Digitized by srujanika@gmail.com

ପୃଷ୍ଠା	ପଦ	ଅର୍ଥ
୬	ବ୍ୟଜନ	ପଙ୍ଖା
୭	ଯାଏ ଭ୍ରୁକୁଟି	ପ୍ରସ୍ଫୁଟିତ ହୁଏ
,,	ଯୂଥିକା	ଯୂଇ
,,	ଅନୁରାଗ ଊର୍ମି	ପ୍ରେମ ଲହରୀ
,,	ରସାଳ	ଆମ୍ବ
୭	ଲୁବ୍ଧକ	ଲୋଭୀ
,,	ଉଲ୍ଲସେ	ଆନନ୍ଦରେ ବା ବେଗରେ
୭	ସାଧ୍ୱୀ	ସତୀ
,,	ପରିରମ୍ଭ	ଆଲିଙ୍ଗନ
୮	ଅଧରୁ	ଅଧରରୁ ବା ଓଷ୍ଠରୁ
,,	ପିପାସା	ତୃଷା
,,	ଛଦ୍ମନାରୀ	ନାରୀ ବେଶଧାରୀ ଗୁପ୍ତ ପୁରୁଷ
୯	ପ୍ରତ୍ୟାଗତ ହେଲେ	ଫେରିଲେ
୧୦	ସୁପାନ୍ତ	କୋମଳ ଶଯ୍ୟା
,,	ଆରୋହଣ	ଚଢ଼ି
,,	ବିରହାଗ୍ନି	ପ୍ରିୟ ବା ପ୍ରିୟାଠାରୁ ଦୂରହେବା ଦ୍ୱାରା ଜାତ ଦୁଃଖ ଅଗ୍ନି
୧୧	ବହ୍ନି	ନିଆଁ
,,	ନିତମ୍ବ	ପିଚ୍ଛ
୧୨	ଇତିହାସ	ପୂର୍ବ କାଳର କଥା
,,	ଶମ୍ବରାରି	କନ୍ଦର୍ପ, କାମଦେବତା
୧୩	ସ୍ମର	କନ୍ଦର୍ପ ବା କାମ

Digitized by srujanika@gmail.com

ପୃଷ୍ଠା	ପଦ	ଅର୍ଥ
୧୪	କୃପାଣରେ	ଖଣ୍ଡାରେ
,,	ଅଶି	ଖଣ୍ଡା
,,	ଉପଶମକର	ଶାନ୍ତକର
,,	କଞ୍ଚୁକ	ରାଜାଙ୍କ ଅନ୍ତଃପୁରାଧ୍ୟକ୍ଷ ହେବା ଭୃତ୍ୟ
୧୬	ଶଙ୍କୁ	ମୁନିଆଁ ଅସ୍ତ୍ର ବିଶେଷ
,,	ହିରଣ୍ୟ	ହିରଣ୍ୟ କଶିପୁ
୧୭	ପିପାସା	ତୃଷା
୧୮	କନ୍ଦରେ	ବନ ଗୁମ୍ଫାଣିରେ
୧୯	ଚମୂ	ସେନା ଦଳ
୨୦	କୈରବ	କଇଁ
,,	ଲୁବ୍ଧକ	ବାଣୁଆ
,,	ଦୁକୂଳ ଅଜନ	ସାଢ଼ୀ ରୂପକ ଚର୍ମ
୨୧	ଶତପତ୍ର	ପଦ୍ମ
,,	ସ ବଳୀ	ସ୍ଥିତ ଚଳର ଉଦର ଉପରସ୍ଥ ଭାଜମୋଡ଼ା
,,	ଅନ୍ୱୀକ୍ଷା	ଅନ୍ୱେଷଣ
,,	ଆହରଣେ	ସଂଗ୍ରହ କରିବା ପାଇଁ
୨୨	ଉତ୍ସ	ଝରଣା
୨୩	ଭୃଙ୍ଗ	ଭ୍ରମର
,,	ଗଣ୍ଡ	ଗାଲ
,,	ବିଦ୍ରୁମିତ	ପୋହଳା ରଙ୍ଗର ଓଷ୍ଠ
,,	ଶ୍ରୀଫଳ	ନଡ଼ିଆ
,,	ନାରିକେଳ	ନଡ଼ିଆ

Digitized by srujanika@gmail.com

ପୃଷ୍ଠା	ପଦ	ଅର୍ଥ
୨୫	କୁଚ	ସ୍ତନ
,,	ଆଣି	ଶୋଷ୍ଣ
୨୬	କଟି	ଅଣ୍ଟା
୨୭	ବଣିଜାରେ	ବାଣିଜ୍ୟରେ
,,	ଉତ୍ତମର୍ଣ୍ଣ	ଋଣଦାତା
,,	ବଧୂ	ପତ୍ନୀ
୨୯	କରକା ପଡନେ	କୁଆପଥର ପଡ଼ିଲେ
୩୪	ସେହ୍ଲା	କବଚ ବା ସାଞ୍ଜୁ

Digitized by srujanika@gmail.com

ଶୁଦ୍ଧିପତ୍ର

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୪	୧୧	ଗୋଳାର୍ଦ୍ଧ	ଗୋଳାର୍ଦ୍ଧେ
୫	୨	ସଷ୍ଟ	ସୃଷ୍ଟ
୮	୪	ଯପିବ	ଯାପିବ
୧୮	୧୦	ଭୂମ୍ଭ ପରଚାଖ	ଭୂମ୍ଭର ସେବକା
୧୯	୧୦	ଶ୍ୟାମ	ଶ୍ୟାମା
୨୪	୭	ପୂର୍ବେ	ପୂର୍ବ
୨୭	୧୨	ପିଇବ	ପିଇବ
୨୭	୨	ଘାନେ	ଘାନ
୩୦	୩	ବାକେ	ବାକ୍ୟ
୩୦	୪	ଯେମା	ଜେମା
୩୫	୮	ମେଢ଼	ମେଢ଼ୁ
୪୦	୧୮	ସନ୍ଦର୍ଶଳେ	ସନ୍ଦର୍ଶିଲେ
୪୧	୭	କାଲୁ	ଚାଲୁ
୪୩	୨୨	ହସ୍ତିନା ପୁରକୁ	ହସ୍ତିନାକୁ

Digitized by srujanika@gmail.com

Digitized by srujanika@gmail.com

ଚନ୍ଦ୍ରାବତୀ

ପ୍ରଥମ ସର୍ଗ

ହସ୍ତିନା ରାଜନ　　ଦୁର୍ଯ୍ୟୋଧନ କନ୍ୟା
ଚନ୍ଦ୍ରାବତୀ ଯେବେ ହେଲା ଯୁବତୀ
ରାଜପୁତ୍ରଗଣ　　ଦେଖି ତା ଆଲେଖ୍ୟ
ବିବାହେ ତା ସଙ୍ଗେ ଅର୍ପିଲେ ମତି ।

କନ୍ୟା ପିତା ପାଶେ　　ବିବାହ ପ୍ରସ୍ତାବ
କରି ଦ୍ୱାରେ ନିଜ ଚରକୁ ଦେଇ
ପାଇଲେ ଉତ୍ତର　　"ଚନ୍ଦ୍ରାବତୀ ଯୋଗ୍ୟ
ପ୍ରାର୍ଥୀଙ୍କ ମଧ୍ୟରୁ ନୁହଇ କେହି ।"

ଶ୍ରୀକୃଷ୍ଣଙ୍କ ପୁତ୍ର　　ଶାମ୍ବ ଯୁବାବର
ତାଙ୍କ ଯୋଗ୍ୟା କନ୍ୟା କାହିଁ ନ ପାଇ
ବିରହ ସନ୍ତପ୍ତ　　ଥିବା କାଳେ ଚନ୍ଦ୍ରା
କଥା ତାଙ୍କ କର୍ଣ୍ଣେ ପ୍ରବେଶେ ଯାଇ ।

ନାରଦ ମହର୍ଷି　　ଦ୍ୱାରକା ପୁରେ
କୃଷ୍ଣ ସନ୍ଦର୍ଶନେ ପ୍ରବେଶ ଦେଖି
ପଚାରଇ ଶାମ୍ବ,　　"ଦେଖିଛ ତା ପୁରେ
ସୁନ୍ଦରୀ ଚନ୍ଦ୍ରାକୁ ତୁମ୍ଭେ କେବେ କି ?"

Digitized by srujanika@gmail.com

ଉତ୍ତରିଲେ ମୁନି, "ଦେଖିଛୁ ତାହାକୁ
କି ବର୍ଣ୍ଣିବି ତାର ସୌନ୍ଦର୍ଯ୍ୟ ରାଶି
ଯଦି ତାକୁ ଦେଖୁ ହୋଇ ବିମୋହିତ
ବିରହ ଦୁଃଖରେ ଯିବୁ ତୁ ଭାସି ।"
ଏହା କହି ମୁନି ଥଳିରୁ କାଢ଼ିଲେ
ଚନ୍ଦ୍ରା ସୁନ୍ଦରୀର ଆଲେଖ୍ୟ ପଟ
ଶାମ୍ବ ଦେଖି ତାହା ବ୍ୟାକୁଳିତ ଚିତ୍ତେ
"ଚିତ୍ର ଦିଅ ବୋଲି" କରିଲା ହଟ ।

ଶାମ୍ବକୁ ପ୍ରଦାନି ସେ ଚିତ୍ରପଟକୁ
ପ୍ରକାଶିଲେ ମୁନି ଆଶା ବଚନ,
"ଦେଖି ତୁ ପାରିବୁ ସୁନ୍ଦରୀମଣିକୁ
ଉମା ତୀର୍ଥେ ଯଦି କରୁ ଗମନ
ଆସନ୍ତା ପୂର୍ଣ୍ଣିମା ରାତି ଦୁର୍ଯ୍ୟୋଧନ
ରାଜ ପରିବାର ପ୍ରବେଶି ତହିଁ
ଉମା ପୂଜା ସାରି ଫେରିବେ ସ୍ୱଦେଶେ
ଅଳ୍ପ ଦିନ ମାତ୍ର ତୀର୍ଥରେ ରହି ।"

ଗୁପ୍ତେ ଏହା କହି ଦ୍ୱାରକା ଛାଡ଼ି
ଚାଲିଗଲେ ମୁନି ସ୍ୱର୍ଗଭୁବନେ
ମହର୍ଷି ବାକ୍ୟକୁ ଶାମ୍ବ ଯୁବା ଶୁଣି
ଉମାତୀର୍ଥେ ଯାତ୍ରା ଇଚ୍ଛିଲେ ମନେ ।
କାହାକୁ ନ କହି ଶାମ୍ବ ଦ୍ୱାରି ଛାଡ଼ି
ଉମାତୀର୍ଥ ବେଗେ କଲେ ପ୍ରୟାଣ
ପୂର୍ଣ୍ଣିମା ପୂର୍ବରୁ ପ୍ରବେଶି ତୀର୍ଥରେ
ଗୁପ୍ତାବାସେ ବୀର କଲେ ଆସ୍ଥାନ ।

Digitized by srujanika@gmail.com

ଦୁର୍ଯ୍ୟୋଧନଙ୍କର ପରିବାର ବର୍ଗ
ବନ୍ଧୁ ଆଗୁ ତୀର୍ଥେ କଲେ ପ୍ରବେଶ ।
ପୂର୍ଣ୍ଣିମା ଆସନ୍ତେ ଉମା ଦରଶନେ
ରାଣୀ ଜେମା ସଖୀ ପଡ଼ିଲେ ବେଶ ।

ପ୍ରବେଶି ଉମାଙ୍କ ପାଶେ ଚନ୍ଦ୍ରାବତୀ
ଅର୍ଚ୍ଚନା କରନ୍ତି ମହାସମ୍ଭାରେ
ପ୍ରତିମାର ଶୋଭା ଦେଖନ୍ତି ଶୋଭାଙ୍ଗି
ପ୍ରବେଶ ନ ଦେଇ ପୁଂସ କାହାରେ ।

ଗୁପ୍ତ ବାସେ ଶାମ୍ବ ଶୁଣିଥିଲେ ଆଗୁ
ପୁଂସଙ୍କୁ ମନ୍ଦିରେ ହୋଇଛି ମନା
ପରିଧାନ କଲେ ରମଣୀ ବସନ
ପିନ୍ଧିଲେ ରମଣୀ ଯୋଗ୍ୟ ଗହଣା ।

ରମଣୀ ଉଚିତ ବନ୍ଧୁରିତ ବକ୍ଷ
କରି ଶାମ୍ବ ଉମା ଦର୍ଶନ ପାଇଁ ।
କରିଣ ପ୍ରସ୍ଥାନ ନିଜ ଗୁପ୍ତାବାସୁ
ଉମାପାଶେ ତୀର୍ଥେ ମିଳିଲେ ଯାଇ ।

ଛଦ୍ମ ନାରୀ ବେଶେ ଶାମ୍ବ ପୂଜି ଉମା
ଦେଖିଲେ ପାଶରେ ଚନ୍ଦ୍ରା ସୁନ୍ଦରୀ
ଅପରୂପ ଶୋଭା ଧରି ଦର୍ଶିକାଙ୍କ
ନୟନ ମାନସ ନେଉଛି ହରି ।

ବାଳାର ଦର୍ଶନ ମାତ୍ରକେ ଶାମ୍ବଙ୍କ
ହୃଦୟ ହୋଇଲା ଖରେ ସ୍ପନ୍ଦିତ
ଭାବିଲେ "ଧନ୍ୟ ସେ ଯୁବାମଣି ଯାର
ହେବ ଏ ସୁନ୍ଦରୀ ପରାଣ ମିତ ।

Digitized by srujanika@gmail.com

ଇନ୍ଦୀବର ନଭ ନୀଳ ନେତ୍ରେ ପରା
ପଲକର ବେଳେ ଉନ୍ମେଷ ହେଲେ
ମନେ ହୁଏ ପ୍ରତେ ନିର୍ଜୀବ ଧରାକୁ
ବାଳା ଜୀବଦାନ କରୁଛି ହେଲେ ।

ନଳିନୀ ପାଖୁଡ଼ା ନଭ ଅକ୍ଷ ପକ୍ଷ୍ମ
ନିମିଷ ମାତ୍ରକ ହେଲେ ମୁଦ୍ରିତ
ପୁଂସ ମନ ଭୃଙ୍ଗ ଇଚ୍ଛେ ଚକ୍ଷୁଁ ରନ୍ଧ୍ର
ପିଇବ ସୌନ୍ଦର୍ଯ୍ୟ ମଧୁ ଅମିତ ।

ସ୍ୱର୍ଣ୍ଣ ତିଳ ପୁଷ୍ପ ନଭ ନାସାରନ୍ଧ୍ରୁ
ସୁଗନ୍ଧ ଭରିତ ଶ୍ୱାସ ପ୍ରସରି
ନନ୍ଦଇ ସହସ୍ର ମଳୟ ମରୁତେ
ଯୁବା ହୃଦ ମରୁ ପୁଷ୍ପିତ କରି ।
ଦକ୍ଷିଣାବର୍ତ୍ତିକ କମ୍ବୁ କଣ୍ଠୁ ଯେବେ
ନିଃସରେ ବଚନ ସୁଧା ଭରିତ
ବଶୀକିକାମନ୍ତ୍ରୁ ଯୁବା ହୃଦ ଦରି
ସ୍ୱର୍ଗ ସଙ୍ଗୀତରେ ହୁଏ ଧ୍ୱନିତ ।
ଶ୍ରୀଫଳ ସୁନ୍ଦର ଉଚ୍ଚ ଘଞ୍ଚକୁଚ
ଉତ୍ଥିତ ହୁଅନ୍ତେ ଶ୍ୱାସର ବଳେ
ମନେ ହୁଏ ପ୍ରତେ ସ୍ରଷ୍ଟା ସୃଜ ନାହିଁ
ଶୋଭାକୁ ଏଠାରୁ ବଳି ଭୂତଳେ ।
ନିତମ୍ବ ନନ୍ଦଇ କନକ ଗୋଲାର୍ଦ୍ଧ
ଯା କୁନ୍ଦା ହୋଇଛି ଶୋଭା-କୁନ୍ଦନେ
ହେବ ବୋଲି ତାହା ସ୍ମରଦେବ ଅସ୍ତ୍ର
ଯୁବକ ଜନଙ୍କ ଧୃତି ନାଶନେ ।

Digitized by srujanika@gmail.com

ସ୍ଥୂଳ ନିତମ୍ବ ପୀନ କୁଚଯୁଗ୍ମ
ମଧ୍ୟ ସରୁ ସିଂହ-କଟିକୁ ବଳିଁ
ମନେ ହୁଏ ପ୍ରତେ ସ୍ମର ସୃଷ୍ଟ ଏହା
ଯୁବା ଚିତ୍ତ-କଷ୍ଟ ବିନାଶ ପାଇଁ ।
ରମ୍ଭୋରୁର ଊରୁ ଦୁକୂଳେ ପିନ୍ଧି
ଦେଲେହେଁ ତା ଶୋଭା ଯାଉଛି ଫୁଟି
କୋମଳ ପଲ୍ଲବ ନିଭ ପାଦେ ଚାଲୁ
ପ୍ରତେ ହୁଏ ପଦ୍ମ ଯାଏ ଉକୁଟି ।
ପ୍ରବାଳ ଅଧରେ ଦରହାସ ଫୁଟୁ
ସୁବାସେ ଧାବଲ୍ୟ ଯୂଥିକା ମଲ୍ଲି
ସମନୋହୁ ବୋଲି ଲଜ୍ଜାରେ ମଉଳି
ନିତ ଝରନ୍ତି କି ବସନ୍ତି ବଲ୍ଲି ।
ଚତୁର୍ଥୀ ଚନ୍ଦ୍ରମା ନିଭ ଗଣ୍ଡ ଦେଶେ
ଗୋଲାପର ଆଭା ହୋଇ ପ୍ରକାଶ ,
ଜଣାଉଛି ବାଳା ହୃଦସିନ୍ଧୁ ଗର୍ଭେ
ଅନୁରାଗ ଊର୍ମି କରୁଛି ଲାସ୍ୟ ।
ସୁରସ ପୂରିତ ହୋଇ ଗଣ୍ଡସ୍ଥଳ
ଧରୁଛି ସୁପକ୍ୱ ରସାଳ ଶୋଭା
କ୍ଷୁଧିତ ଲୁବ୍ଧକ ରସ ଆସ୍ୱାଦନେ
ହେବ ବୋଲି ଚୁମ୍ବ ଦେବାରେ ଲୋଭା ।
ଶୃତ ବେଣୀ ଯେହ୍ନେ ପାଟଳୀ କୁସୁମ
ପୁଂସ ଭ୍ରମରଙ୍କୁ ଦିଏ ଆହ୍ୱାନ
"ଜିହ୍ୱାଗ୍ର ଚାଳନେ ଏଥୁ ମଧୁ ପିଇ
କର ସୁଖାମୃତ ରଭସେ ପାନ"

Digitized by srujanika@gmail.com

ସୁନ୍ଦରୀର ଶୋଷ ନଯ଼ନରେ ପିଇ
ଶାମ୍ବ ମୂର୍ଚ୍ଛାଗଲେ ସାଙ୍ଗିକେ ବୁଡ଼ି
'କ ହେଲା କ ହେଲା' ବୋଲି ଚନ୍ଦ୍ରା ରାଣୀ
ଦାସୀଙ୍କ ମଧ୍ୟରେ ପଡ଼ିଲା ହୁରି ।
ବ୍ୟାକୁଳିତ ଚିତ୍ତେ ଛଦ୍ମ ନାରୀମୁଖେ
ଚନ୍ଦ୍ରାବତୀ ସିଞ୍ଚେ ଶୀତଳ ଜଳ
ବ୍ୟଜନ ବୃଜନେ ରାଣୀ ମୁ ମୂର୍ଛ୍ଚିଙ୍କୁ
ଶ୍ୱାସ ପାଇଁ ବ୍ୟନ୍ତ ବାଯ଼ୁ ବମଳ ।
ଛଦ୍ମ ନାରୀ ଯେବେ ହୋଇଲେ ସଚେତ
ରାଣୀ ନେଲେ ତାଙ୍କୁ ନିଜ ଆବାସେ
ପ୍ରଯ଼ୋଜନ ଯେତେ ଚରିତ ଶାମ୍ବଙ୍କୁ
ରଖିଦେଲେ ତାଙ୍କୁ ଚନ୍ଦ୍ରାର ପାଶେ ।
କେମାର ସ୍ୱତନ୍ତ୍ର ପୁରେ ରହି ଶାମ୍ବ
କହନ୍ତି "ଚନ୍ଦ୍ରା ଗୋ ମୋ ନାମ ଶ୍ୟାମା
ରାଜପୁତ୍ରୀ ହୋଇ ଯୌବନେ ହାରିଲି
ମାତାଙ୍କୁ ଯେ ଥିଲେ ସୌନ୍ଦର୍ଯ୍ୟ ଧାମା ।
ଅନେ୍ୟକ ଦେଶର ସୁନ୍ଦରୀ କେମାକୁ
ପୁନଃ ପରିଣଯ଼ କଲେ ମୋ ପିତା'
ବିମାତା ସୁନ୍ଦରୀ ଦେଖି ମୋର ଶୋଭା
ମୋର ନିର୍ବାସନେ କରିଲେ ଚିନ୍ତା ।
ମିଥ୍ୟା ଅଭିଯୋଗ ମୋର ନାମେ ନିତି
ବିମାତା କରିଲେ ପିତାଙ୍କ ପାଶେ
ଅସହ୍ୟ ମଣିଣ ଜୀବନକୁ ମୋର
ରାଜ୍ୟ ଛାଡ଼ି ଚାଲି ଗଲି ନିରାଶେ ।

Digitized by srujanika@gmail.com

ପ୍ରବେଶିଲ ଶେଷେ ଏଣ୍ଟୁ ଜମାଷ୍ଟର୍ଥେ
ଦେବୀଙ୍କୁ ଜଣାଣ କରିବା ପାଇଁ
"ମୋହର ମିତ୍ର ଦେବୀ ସାଧ୍ୱୀ ରାଜ କନ୍ୟା
ହେବ ତିର ସଖୀ ଯା ପାଶେ ଯାଇ
ଦୁର୍ବହ ହେଉଛି ମୋହର ଜୀବନ
ମୋତେ ଏକାକନୀ ନରକ ସୃଜ୍ଝି
ଦୁର୍ଜନ ପୁରୁଷେ ପରିହାସ ରତ
ମୋ ମାନ ଧର୍ଷଣେ ହୁଅନ୍ତି ବାଇ ।"
ଚନ୍ଦ୍ରାବତୀ କହେ "ତୋ ପରି ସୁନ୍ଦରୀ
ଆଜନ୍ମୁ ଦେଖି ମୁଁ ନାହିଁ ଲୋଚନେ
ଯେତେ ଦେଖେ ତୋତେ ତେତେ ଦେଖିବାକୁ
ବାସନା ଉଚ୍ଛୁଳେ ମୋହର ମନେ ।
ତୋର ଗଣ୍ଡସ୍ଥଳ କିଶେ କି ସୁନ୍ଦର
ଚୁମ୍ବିବାକୁ ଚାଲୁ ହୁଏ ମୋ ମନ .
ତୋତେ ପରିରମ୍ଭ କରିବାର ଆଶେ
ବ୍ୟାକୁଳିତ ହୁଦ ମୋ ହୁଏ ଛନ୍ନ ।
ତୋ ରଙ୍ଗାଅଧରୁ ଅମୃତକୁ ଥରେ
ପିଇବାକୁ ମନ ଯାଏ ଉଚ୍ଛ୍ୱସି
କିନ୍ତୁ, ଶ୍ୟାମା, ତୋତେ ନାରୀ ହେବା ଦେଖି
ଦୁଃଖେ ମୋ ହୃଦୟ ଯାଉଛି ଲସି ।
ରମଣୀ କିଏ କି ରମାକୁ ଚୁମ୍ବନ
ବଧି କରିଛନ୍ତି ଏହା ତ ମନା
ପରିରମ୍ଭ ସୁଚ ନାରୀ ସଙ୍ଗେ ନାରୀ
ହେବା ଅଟେ ଅନୁଚିତ ବାସନା ।

Digitized by srujanika@gmail.com

ସୁନ୍ଦରୀ ଅଧରୁ ସୁନ୍ଦରୀ ପିଇବ
ଅଧରାମୃତକୁ କେ ନାହିଁ ଶୁଣି
କାହାଁ ଏ ପିପାସା ପୀଡ଼ିତ ହୃଦ ମୋ
ବୋଲି ଦୁଃଖେ ମୁହିଁ ହେଉଛି ଗୁଣି ।
ପ୍ରେମିକା ପ୍ରେମିକ ଉଚିତ ବାସନା
ପରିହାରି କରି ସଙ୍ଗେ ତୋ ରହି
ଜୀବନ ଯ ପିବ କୌମାରୀ ବ୍ରତେ ମୁଁ
ତୋର ଅଙ୍ଗୀକାର ବଢ଼ଅ ତୁ କହି ।”
ଚନ୍ଦ୍ର ନାରୀ ତହୁଁ କରିଲେ ଉତ୍ତର,
“ଉମାଦେବୀ ଆଜ ହୋଇ ପ୍ରସନ୍ନ
ତୁମ୍ଭେ ମୋତେ ସଖୀ କରିବାର ପାଇଁ
ବ୍ୟାକୁଳିତ କଲେ ତୁମ୍ଭର ମନ ।
ତୁମ୍ଭଠାରୁ ବଳି କେ ଅଛି ସୁନ୍ଦରୀ
ସାଧ୍ୱୀ ପ୍ରେମିକା ରମାଙ୍କ ମଧ୍ୟେ
ତୁମ୍ଭ ସଖୀ ରୂପେ ମୋତେ ଚିର କାଳ
ନିଯୁକ୍ତିକ ବୋଲି କହନ୍ତୁ ପଦେ ।”
ଉତ୍ତରିଲା ଚନ୍ଦ୍ରା “ଆଅ ତୁହି ଏଥି
ମୂର୍ଚ୍ଛା ପରେ ହେଲୁ ଦୁର୍ବଳ କେତେ
ପର୍ବତ କନ୍ଦରେ କରୁଛୁ ବନ ଭ୍ରମି
ପ୍ରପାତ ଦେଖିଣ ଫେରିବୁ ଏଥେ ।
ସମ୍ପୂର୍ଣ୍ଣ ବିଶ୍ରାମ ନେଲେ କରୁ ଦିନ
ସବଳ ହେବ ତୋ ଦୁର୍ବଳ ଦେହ
ମୋ ସଙ୍ଗେ ହସ୍ତିନା ପୁରେ ତୁହି ଚାଲି
ଚିର ଦେବୁ ମୋତେ ଅପୂର୍ବ ସ୍ନେହ ।”

Digitized by srujanika@gmail.com

ଏହା କହି ମାତା ଦାସୀଗଣ ସଙ୍ଗେ
ପ୍ରଭାତ ଦର୍ଶନେ ଚନ୍ଦ୍ରା ଗମନ
କର ଗୃହଦ୍ଧନେ ଫେର ଉମାସ୍ଥାର୍ଥେ
କଲ ପୁନଃ ଉମା ଦେବୀ ଦର୍ଶନ ।
ସପ୍ତେକ ହେଲେହେଁ ନ ରହି ତୀର୍ଥରେ
ସଜ ପରିବାର ପ୍ରସ୍ଥାଣେ ସ୍ନେହୀ
ହୋଇ ପ୍ରତ୍ୟାଗତ ହେଲେ ହସ୍ତିନାକୁ
ଶ୍ୟାମା ସୁନ୍ଦରୀଙ୍କୁ ସଙ୍ଗତେ ନେଇ ।

Digitized by srujanika@gmail.com

ଦ୍ୱିତୀୟ ସର୍ଗ

ଅନୁମତି ଚନ୍ଦ୍ରା ଯେ ରହି ହସ୍ତିନା
ପୁରେ ପ୍ରବେଶିଲେ ଆସି
'ମିଳନ କାନନ' କହି ତାର ଚନ୍ଦ୍ର
ବର୍ଷୁଥିଲେ ଜ୍ୟୋତ୍ସ୍ନା ରାଶି ।

ଜଳ ପାନ କରି କ୍ଲାନ୍ତ ନାରୀଗଣ
ଯେ ଯାହା ମନ୍ଦିରେ ଯାଇ
ଖଟ ବିଛଣାରେ ଶୟନ କରିଲେ
ଶ୍ରମ ନିବାରଣ ପାଇଁ ।

ଶ୍ୟାମାଙ୍କୁ ସଙ୍ଗରେ ଘେନି ଚନ୍ଦ୍ରାବତୀ
ନିଜ ମନ୍ଦିରେ ପ୍ରବେଶି
ଦେଖିଲେ ସୁପାତି ପଲଙ୍କୁ ଯତନେ
ବେନିଙ୍କ ନିଦ୍ରା ଉଦ୍ଦେଶି ।

ଗୋଟିଏ ପଲଙ୍କେ ଆରୋହଣ ବେନି
ପାଶେ ପାଶେ ଗଲେ ଶୋଇ
ସମ୍ଭାଷଣେ ରତ ହେଲେ ଚନ୍ଦ୍ରା ଶ୍ୟାମା
ନିଦ୍ରା ଅନୁରାଗୀ ନୋହି ।

ଚନ୍ଦ୍ରା ଭବେ, "ଶ୍ୟାମା ସଙ୍ଗରେ ଆଳାପ
ହେଲେ ହେଁ ସୁଖ ଦାୟକ
ବିରହାଗ୍ନି ଦାହେ ଦହେ ମୋର ପ୍ରାଣ
ସେ କାଳେ ପଞ୍ଚସାୟକ ।

Digitized by srujanika@gmail.com

ସେ ବିରହ ବହ୍ନି ନିର୍ବାପନେ କ୍ଷମ
ହୃଅନ୍ତା ଯେଉଁ ସୁନ୍ଦର
ତାହାଙ୍କୁ ବିଧାତା ନାଶି କରିଅଛୁ
ନ କରି ମୋ ଦୁଃଖ ହର ।
ମୋର ଏ ବିଚ୍ଛେଦ ତୃଷା ନିବାରଣେ
ନୁହେ ଆଉ କେହି କ୍ଷମ
ତୃଷାରେ ମରେ ମୁଁ ଲବଣ ସାଗର
କ୍ଷେପିତ ତୃଷିତ ସମ ।
ସ୍ପର୍ଶୁ ମୋ ନିତମ୍ବ ଏହା ନିତମ୍ବକୁ
ଭାସେ ମୁଁ ପ୍ରମୋଦ ନଦେ
ଏତ ନାଶି ବୋଲି ଭାବି ପର କ୍ଷଣେ
ବୁଡ଼ିଯାଏ ଦୁଃଖ ହ୍ରଦେ ।
ଯେତେ ଦୁଃଖ ଆସୁ ସୁଖ ମଣାଉକା
ସ୍ୱା ସ୍ନେହେ ଆହ୍ୱାନ ଆଣେ
ଏଣୁ ଏହା ସ୍ପର୍ଶ ସୁଖ ନ ଛାଡ଼ିବି
ପୋଡ଼ିଲେ ହେଁ ପଞ୍ଚବାଣେ ।
ଦୁଃଖରେ ଦୁର୍ବହ ହେଲେହେଁ ପରାଣ
ମୂର୍ଚ୍ଛେ କି ଜୀବନ କେହି
ବଜ୍ର ଭୟେ ମେଘେ ତ୍ୟଜେ କି ଚାତକ
ନୋହି ତାର ଜଳେ ସ୍ନେହୀ" ।
ଶାମ୍ବ ମନେ କହେ "ପାଞ୍ଚୁଥିଲି ଯାହା
ତାହା ହୋଇଲା ଘଟନ
ଯା ପାଇଁ ବିରହେ ଝୁରି ହେଉଥିଲି
ତା ସଙ୍ଗେ ହେଲା ମିଳନ" ।

Digitized by srujanika@gmail.com

ଏହା ଶୁଣି ଶ୍ୟାମା   କହିଲ ଚନ୍ଦ୍ରାଙ୍କୁ
"ମୋର ଇତିହାସ ଆଗେ
ପ୍ରକାଶ କରୁଛି   ଜମା ତୀର୍ଥେ ପର
ଘଟନା ଶୁଣ ସବୁରେ ।
ଜମା ତୀର୍ଥ ବ୍ୟକ୍ତ   ପ୍ରପାତ ଦର୍ଶନେ
ଗଲୁ ଯେବେ ମୋତେ ଛାଡ଼ି
ଭାବିଲ ତୁ ଯେବେ   ମୋତେ ଦୟାକଲୁ
ତୋ ପ୍ରତି ହେବକି ରୀତି ।
ଅସହାୟା ଦେଖି   ମୋତେ ସଖୀ କରି
ନିମନ୍ତ୍ରିଲୁ ଯେବେ ତୁହି
ଚିନ୍ତିଲି ତୋ ପ୍ରତି   ପ୍ରତି ଉପକାର
କରି ନ ପାରେ କି ମୁହିଁ ।
ଭାବିଲଂ ତୋ ପରି   ରମ୍ୟା ଗୁଣବନ୍ତୀ
ପ୍ରସବି ନାହିଁ ମେଦିନୀ
କିନ୍ତୁ ମୋର ସୁଖ   ଯାଞ୍ଚି ମୋତେ ସୁଖୀ
କରି ହେଉଛୁ ଦୁଃଖିନୀ ।
ମୋତେ ସଖୀ କରି   ରଖିବା ଆଗରୁ
ଥିଲୁ ପ୍ରଫୁଲ୍ଲିତ ମୁଖୀ
ସଖୀ ଯେବେ ହେଲି   ମୋର ମୁଖ ଦେଖି
ହୋଇଲୁ ଅତିହେ ଦୁଃଖୀ ।
ତୋହର ବିରହ   ରୂପି ଅସ୍ତ୍ର ରୂପେ
ମୋତେ ଗଡ଼ି ଶମ୍ବରି
ବିରହ ନାଶନେ   ପୁରୁଷ ନ କରି
କହିଁ କଲୁ ମୋତେ ନାରୀ ।

Digitized by srujanika@gmail.com

ଏ ମହା ସମସ୍ୟା ସମାଧାନ ଚିନ୍ତ
ଦୁଃଖ ଜଳେ ଗଲି ହଜି
ଉମା ପାଶେ ଯାଇ ଅଧା ପଡ଼ିଲି ମୁଁ
ଶୟନ ଅଶନ ତ୍ୟଜି ।
ତୃଷାପ୍ସୁ ଗିରିର ଦଶ ଘଡ଼ିକାଳେ
ପ୍ରସନ୍ନ ହୋଇଲେ ମାୟୀ
ପଚାରିଲେ ତନ ଦାନ ସ୍ନେହେ ଶୋଷେ
ଏଥେ ପଡ଼ିଛୁ କପାଇଁ ?"
କହିଲି, "ହେ ଦେବୀ ! ଯେବେ ତୃଷା ଦେଲ
ସଲିଳ କ ସର୍ଜି ନାହିଁ
କାହିଁ ସେ ପୁରୁଷ ନିବାରିବ ଯେହୁ
ଚନ୍ଦ୍ରାର ବିରହ ଦାହ ।
ଜଗତର କେହି ଗଜ ପୁଷ୍ପ ତାର
ମନ ନ ପାରିଲେ କଣି
ମୋର ନାଗ ରୂପ ଦେଖି ଚନ୍ଦ୍ରା ହୁଏ
ସ୍ମର ଶରେ ବିରହିଣୀ ।
କିନ୍ତୁ ନାଗ କେହି ନାଗର ବିରହ
ବିନାଶି ହୁଏ କ ସୁଖ ?
ଏଣୁ ପୁଂସେ ମୋତେ ପରିଣତ କରି
ଦୂର କର ଜେମା ଦୁଃଖ
ମୋହର ଗୁହାରି ଶୁଣି ଯେବେ ମୋତେ
କରିଲ ଜେମାର ସଖୀ
ଏହି କ୍ଷଣି ମୋତେ ପୁଂସ କରିଦିଅ
ମୋହର ପ୍ରାର୍ଥନା ରଖି ।

Digitized by srujanika@gmail.com

ଏତିକ ଜେମାର ପ୍ରତି ଦୟା ତୁମ୍ଭେ
ନ କଲେ ନ ଯିବ ଘରେ
ବିନାଶ କରିବ ଏବେ ମୋ ଜୀବନ
ଏହି ମୋର କୃପାଣରେ ।"
ଏହା କହି ଅସି କଲ ସଂଚାଳନ
କାଟିବାକୁ ମୋର ମଥା
ଉମା ତାହା ହସ୍ତୁ ଛଡ଼ାଇ କହିଲେ,
କପାଁ କରୁ ଏଡ଼େ କଥା ।
ମୋର ଆଶୀର୍ବାଦ ଲଭି ତୁ ଏ କ୍ଷଣ
ପୁଂସରେ ପାଲଟି ଯାଅ
ଉପଶମ କର ରାଜ ଜେମାଦେଙ୍କ
ଚନ୍ଦ୍ରାର ବିରହ ଦାହ ।
ଦେବୀ ଶ୍ରୀମୁଖରେ ଏ ଦୟା ବଚନ
ଯେବେ କଲେ ଉଚ୍ଚାରଣ
ରମଣୀ ଉଚିତ ବନ୍ଧୁରତା ମୋର
ବକ୍ଷୁ ହେଲା ଅଦର୍ଶନ ।
ପୁଂସ ଚିହ୍ନ ସର୍ବ ଅଙ୍ଗେ କଅଁଳିଲା
ନାରୀ ଚିହ୍ନ ଅପସରି
କିନ୍ତୁ ନାରୀ ବେଶେ ଆସିଲି ଏଥେ ମୁଁ
କଞ୍ଚୁକି ଗଣଙ୍କୁ ଡରି ।
ପ୍ରଭାତ ଦର୍ଶନୁ ଫେରିବା କାଳରେ
ତୁମ୍ଭ ଅର୍ଥେ ଥିଲେ ରହି
ଗୁପତେ ଅଦ୍ଭୁତ ଘଟଣା ଚୋଟେ ମୁଁ
ନିଶାଯାମେ ଥାନ୍ତି କହି ।"

Digitized by srujanika@gmail.com

ବିସ୍ତସ୍ତୁ ଆକୁଳେ ନବେଦିଲ ଜେମା
"ଉର କର ଉନ୍ମୋଚନ
ବନ୍ଧୁରତା ଶୂନ୍ୟ ହେବା ତା ଦେଖିଲେ
ସାର୍ଥକ ହେବ ନୟନ ।"
ଶ୍ୟାମା ତାହା ଶୁଣି କାଞ୍ଚଲି ଫିଟାଇ
ଦେଖାଇଲା ବକ୍ଷ ସ୍ଥାନ
ମାଳୀକୁ ଫେଡ଼ନ୍ତେ ନାସ୍ତି ସାଢ଼ି ତଳେ
ଦିଶେ ପୁଂସ ପରିଧାନ ।

ଲଜ୍ଜାରେ ମୁଖକୁ ନତ କରୁ ଜେମା
ପୁଂସ ବାଳା ବାହୁ ଧରି
ନିଜ କୋଳେ ଆଣି ବସାନ୍ତେ ଚନ୍ଦ୍ରାକୁ
ଚନ୍ଦ୍ରା ଗଲା ଅପସରି
ଯୁବା ପ୍ରକାଶିଲା "ନାସ୍ତି ଥିଲା ଯେବେ
ଦେଖି ଉମାଙ୍ଗର୍ଥେ ତୋତେ
ତୋର ଶୋଭା ଗୁହିଁ ବିମୋହିତ ହୋଇ
ଭାସିଲି ସାତ୍ତ୍ୱିକ ସ୍ରୋତେ ।

ଭାବିଲି କପାଇଁ ପୁରୁଷ ନ ହେଲି
ତୋ ପରି ସୁନ୍ଦରୀ ଥାଉ
ପୁଂସ ହୋଇଥିଲେ ତୋର ହୃଦ କଣି
ସ୍ୱର୍ଗ କି ଲୋଡ଼ନ୍ତ ଆଉ ।
ତୋର ଭାଲ ପଠ ସିନ୍ଦୂର ବିନ୍ଦୁର
ଶୋଭା ଦେଖି କଲି ଭୟ
ସ୍ତର ପେଷିଅଛୁ ରକ୍ତାକ୍ତ ଚନ୍ଦକୁ
କରିବ ମୋ ଧୃତି କ୍ଷୟ ।

Digitized by srujanika@gmail.com

ଗୁରୁ ଶୁଭ୍ର ନଭ ତୋ କର୍ଣ୍ଣ ତାଟଙ୍କ
ଦୋହଲବା ଶୋଭା ଚାହିଁ
ଧବଳ କନ୍ଦର୍ପ ଫିଙ୍ଗୁଛି ପାଶକୁ
ମୋ ହୃଦ ବନ୍ଧନ ପାଇଁ ।

ଝଲସିଲା ଯେବେ ନାସାମଣି ତୋର
ପ୍ରତୀତ ହେଲା ମୋ ମନେ
ବିରହାଗ୍ନି ଜାଳି ଦେଉଛୁ କି ସ୍ମର
ଦହନେ ମୋ ହୃଦ ବନେ ।

ନିଃଶ୍ୱାସେ ପ୍ରଶ୍ୱାସେ ଉଠନ୍ତେ ପଡ଼ନ୍ତେ
ପୀନ ତୋ ଉରଜ ବେନି
ଧବଳ କନ୍ଦର୍ପ ଆମନ୍ତ୍ରଇ ଶଙ୍କୁ
ନେବାକୁ ମୋ ପ୍ରାଣ ଧେନ ।

ମତ୍ତଂଗଜ ଚାଲି ଶୋଭା ତୋର ଦେଖି
ଧବଳ କନ୍ଦର୍ପ କରୀ
ପାଦେ ଦଳି ଦେବା ପାଇଁ ମୋ ପରାଣ
ଚାଲୁଛି ମନ୍ଥର କରି ।

ସିଂହ କଟିରେ ତୋ ବାଜନ୍ତେ କିଙ୍କିଣି
ମଧୁ ଧ୍ୱନି ହେଲା ପ୍ରତେ
ନୃସିଂହ ବେଶରେ ଆସଇ କି ସ୍ମର
ମୋ ହୃଦ ହିରଣ୍ୟ ହତେ ।

ଭ୍ରୂଲତା ଯୁଗଳେ ପୁଷ୍ପ ଧନୁ ଶୋଭା
ଦେଖି ହେଲା ମୋର ମନେ
ଏହି ଧନୁ ସମା ଚାଳନ କରିଲେ
ତେଜା ମୋ ଥିବ କି ଷଣେ ?

Digitized by srujanika@gmail.com

ଏମନ୍ତ ସମୟେ ଦେଲୁ ଯେବେ ଗୃହିଁ
ତୋଳାକୁ ଖେଳାଇ ତୋର
ସ୍ମର ଶର ଆସି ହୃଦେ ମୋ ବାଜିଲା
ଚେତନା ହଜିଲା ମୋର ।

ଭୃତ୍ୟ ଜେମା ଆସି ଜଳ ସିଞ୍ଚି ମୁଖେ
ବଞ୍ଚାଇଲୁ ସିନା ଦେହ
ମାତ୍ର ଛଟ ପଟ ହେଲା ମୋର ପ୍ରାଣ
ଘେନା ତୋ ସଙ୍ଗମ ସ୍ନେହ ।

'ତୁ ଅଟୁ ଅପୂର୍ବ ସୁନ୍ଦରୀ ଲଲାମ
ରାଜରାଜଙ୍କର କନ୍ୟା
ମୁହିଁ ଦୀନା ହୀନା ଅରକ୍ଷ ଅବଳା
ଅଯୋଗ୍ୟା ସଖୀରେ ଗଣ୍ୟା' ।

ବୋଲି ମନେ ଭାବି ତୋହର ବିରହ
ଭୋଗୁଥିଲି ଯେବେ ବାଳୀ
ମୋ ପ୍ରତି ତୋହର ବିରହ ପିପାସା
ଜଣାଇଲୁ ସ୍ନେହ ଢାଳି ।

ସେ କାଳେ ଭାବିଲି ପୁଂସ ହେଲେ ମୁହିଁ
ବେନଏ ଲଭିବା ସୁଖ
ବେନି ଜନ ପ୍ରୀତି ଶତ ଗୁଣେ ବଢ଼ୁ
ନ ରହିବ ଆମ୍ଭ ଦୁଃଖ ।

ଏହା ଭାବି ତୋର ପ୍ରଭାତ ଦର୍ଶନ
କାଳରେ କରିଲି ସତ୍ୟ
'ଉମା ଦେବୀ ମୋତେ ପୁଂସ ନ କରିଲେ
କରିବି ମୋ ପ୍ରାଣ ହତ' ।

Digitized by srujanika@gmail.com

ତାଙ୍କ ଆଶୀର୍ବାଦେ ପୁଂସେ ମୁଁ ପାଇଛି
ଅଚିନ୍ତ୍ୟ ଆଶାକୁ ବନ୍ଧ
ଲଭିବ ତୋହର ପ୍ରଣୟ ଚୁମ୍ବନ
ତୋ ପୁରେ ଏ ବାଞ୍ଛା କନ୍ଧ ।
ମୋର ସେହି ବାଞ୍ଛା କର ତୁହି ପୂର୍ଣ୍ଣ
ତୋର କୃପାଜଳ ଦେଇ
ବିରହାଗ୍ନି ଜ୍ୱାଳା ମୋର ନିବାରଣେ
ସକ୍ଷ ନାହିଁ ଆଉ କେହି ।
ବିରହ ଲଭିଲୁ ଯେବେ ମୋତେ ଦେଖି
ମୋହର ନାଗ୍ରହ କାଳେ
ପୁଂସତ୍ୱେ ମୁଁ ତାହା ନାଶେ ସକ୍ଷ ଯେବେ
ଅନାଥ ମୋତେ ତୁ ଢାଳେ ।"
ଏ ବାଣୀ ଶ୍ରବଣେ ଲଜ୍ଜା ଗଲି ହାରି
ପ୍ରଣୟର ହେଲି ଜଣା
ମୁଖ ଟେକି ଅଳ୍ପ ଅନାଇ ପୁଂସକୁ
କଟାକ୍ଷେ ଗୃହେଁ ନବୀନା ।
କହିଲି, "ମୋ ସଖି ଆଜ ନୁହ ତୁମ୍ଭେ
ଅଟ ମୋ ପ୍ରାଣ ଦେବତା !
ତୁମ୍ଭ ପଦଗୃହୀ ହୋଇ ସଦାକାଳେ
ହେବ ତୁମ୍ଭ ସେବାରତା ।
ଚିରଋଣୀ ଅଟେ ମୁହିଁ ତୁମ୍ଭ ପାଶେ
ଯେଣୁ ରଖିଲ ମୋ ପ୍ରାଣ
ତୁମ୍ଭ ବିନା ମୋତେ ବିରହ ଦୁଃଖରୁ
ଆଉ କେ କରନ୍ତା ତ୍ରାଣ ?

Digitized by srujanika@gmail.com

ଅଳ୍ପ ବୟସେ ମୁହିଁ ଅତୃପ୍ତ ପ୍ରଣୟ
ବାସନା ଜ୍ୱଳନେ ଜଳି
ମୃତ୍ୟୁକୁ ଲଭନ୍ତି କ ସାଧନ ବଳେ
ନେଲ ମୋର ଦୁଃଖ ହରି !
'ଶିର ପଦ୍ମ କାଟି ପୂଜିବ ଉମାଙ୍କୁ'
ବୋଲି ତୁମ୍ଭେ କର ପଣ
ଦେବୀଙ୍କ କୃପାରୁ ପୁଂବେଶ ପାଇଥିଲ
ତୋଷିବାକୁ ମୋର ମନ ।
ଏ ପୁର ଚୌପାଶେ ଜଗିଛନ୍ତି ଚମୂ
ହୋଇ ଧନୁ ଖଡ୍‌ଗ ପାଣି
ପୁଂସବେ ପାଇଁ ସ୍ତ୍ରୀବେଶେ ଆସିଲ
ବିପଦ ଆସନ୍ନ ଜାଣି ।
ଧନ୍ୟ ତୁମ୍ଭ ପିତା ଧନ୍ୟ ତୁମ୍ଭ ମାତା
ଧନ୍ୟ ସାହସ ତୁମ୍ଭର
ଏ ପୁରେ ପ୍ରବେଶି ମୋ ଦୁଃଖ ନାଶନେ
ହେଲ ତୁମ୍ଭେ ତତପର ।
ସୂର୍ଯ୍ୟ ଚନ୍ଦ୍ର ଥିବା- ଯାଏଁ ତୁମ୍ଭ କୀର୍ତ୍ତି
ରହିବ ମଳିନ ନୋହି
'ଚନ୍ଦ୍ରାର ବରହ ବେଦନା ନାଶନ
କଲ ଶ୍ୟାମ ପୁଂସ ହୋଇ ।'
ରମଣୀ ବଚନେ ପୁଂସର ହୃଦୟୁ
ସଂଶୟ ହୋଇଲା ନାଶ
ପୁଂସ ରମଣୀକୁ କୋଳକୁ ଆଣିଲେ
ବଢ଼ାଇଣ ବାହୁ ପାଶ ।

Digitized by srujanika@gmail.com

ରମଣୀକୁ ପୁଂସ କୋଳରେ ବସାଇ
ପ୍ରକାଶିଲେ ଷ୍ଟୁବାଣୀ
ଶୁଣି ତା ସୁନ୍ଦରୀ ମଣିଲ କର୍ଣ୍ଣ କ
ପିଉଛୁ ପୀୟୁଷ ଗୁଣି ।
ରସ କେଳୀ ପାଇଁ, ଯେବେ ରମଣୀକୁ
ମନାଇଲେ ପୁଂସ ସାର
ମୃଦୁହାସେ ବାଳା କଟାକ୍ଷକୁ ମାରୁ
ଜଣାଇଲା ଅଙ୍ଗୀକାର ।
ପୁଂସ ହୃଦ ସିନ୍ଧୁ ଉଦ୍‌ବେଳତ ହେଲା
ବାଳା ମୁଖଚନ୍ଦ୍ର ଚାହିଁ
ସହସ୍ର ବାସନା କୈରବ ଫୁଟିଲା
ତା ଶୋଭା ଜ୍ୟୋତ୍ସ୍ନାକୁ ଧ୍ୟାୟୀ ।
ହେଲା ପୁଂସ ନେତ୍ର ଚକୋର ହର୍ଷିତ
'ମୁଖଚନ୍ଦ୍ର ସୁଧା ଲୋଭି
ନାଗର ଶଶକ ସେହି ଚନ୍ଦ୍ର ଚୁମ୍ବୁ
ହୃଦ ଗଲା ତହିଁ ଲଭି ।
ପୁରୁଷ ଲୁବ୍‌ଧକ ବାହୁପାଶ ଫିଙ୍ଗି
ରମଣୀ ମୃଗୀକୁ ଧର
କଲେ ହରଣ ଦୁକୂଳ ଅଜନ
ହୃଦେ ମହା ମୋଦ ଭର ।
ରସ କ୍ରୀଡ଼ାକାଳେ ରମଣୀର ଅଙ୍ଗ
ଧରିଲା ଉଦ୍ୟାନ ଛବି
ବାଳା ନାଭି କୂପ ହୋଇଲା ତଡ଼ାଗ
ଶ୍ରମ ଝାଳ ବର୍ଷା ଲଭି ।

Digitized by srujanika@gmail.com

ରମଣୀ ଉଦର ଶତପତ୍ର ପତ୍ର
ଶୋଭିଲା ତଡ଼ାଗ ଗର୍ଭରେ
ସତେ ଯେସନ୍ତେ ମନ ମୁଗ୍ଧକାନ୍ତ ଶଯ୍ୟା
କନ୍ଦର୍ପ ପାତନ୍ତୁ ଧୀରେ ।
ତଥିରେ ଶାୟିତ ହୋଇ କାମ ଅଗ୍ନି
ଦଗ୍ଧ ପୁଂସ ଶୋଭା ସାର
ପବଣ ଶୀତଳ କରିଲେ କାମାଗ୍ନି
ଦହନୁ ହୋଇ ନସ୍ତାର ।
ବାଳା ନାଭି କୂପ ତଡ଼ାଗ ତରଙ୍ଗ
ତ୍ରିବଳୀ ରୂପକୁ ଧରି
ପ୍ରଣୟୀ ହୃଲ୍ଲୋକେ ହେଲା ଉଦ୍ଭାସିତ
ପୁଂସର ମାନସ ହରି ।
ଉଦର ଶାୟିତ ରସିକ ଶେଖର
ନାଭି ଶୋଭା ସରେ ବୁଡ଼ି
ଭାବନ୍ତି ଏ ସିନା ଘନ ବର୍ଷା ଜାତ
ଶରଜ୍ଜଳ ଉତ୍ସ କାହିଁ ?
ଅଙ୍ଗୋଦ୍ୟାନ ଶେଷ ପାଇଁ ନୁହେ ଏହା
ଭାବି ସେ ଅନ୍ୱୀକ୍ଷା କଲେ
ସ୍ପର୍ଶିଲେ ନିତମ୍ବ ମାଂସମୃତ ଉତ୍ସ
ରମଣୀ ଜଘନ ତଳେ ।
ରମଣୀ ଜାନୁରେ ଜାନୁକୁ ମିଳାଇ
ଜଘନ ଦେଇ ଜଘନେ
ନିତମ୍ବ ପୀଡ଼ନେ, ପୁଂସ ହେଲେ ସ୍ନେହୀ
ଅମୃତର ଆହରଣେ ।

Digitized by srujanika@gmail.com

ରମଣୀର ଜାନୁ ଜଘନ ହୋଇଲା
ଜଳ ଉତ୍ତୋଳନ ମଞ୍ଚ
ନିତମ୍ବ ଯୁଗଳ ମାଗ୍ମୃତ ଉଷ୍ଣ
ଦିଶିଲା ଅତି ସୁସଞ୍ଚ ।
ନିତମ୍ବ ପୀଡ଼ନ ଛଳେ ଏହି ଉଷ୍ଣ
ପୁଂସ ଅମୃତକୁ ନେଇ
ସିଞ୍ଚନ୍ତି ବାଳାର ସର୍ବ ଅଙ୍ଗୋଦ୍ୟାନେ
ହୋଇ ଫଳ ପୁଷ୍ପେ ସ୍ନେହୀ ।
ପୁଂସ ନଖ ରୂପୀ କୃଷି ଯନ୍ତ୍ର ବଳେ
ବିଦାରିତ ଅଙ୍ଗୋଦ୍ୟାନେ
ପ୍ରେମ ବୀଜ ପଡ଼ୁ ଉଦ୍‌ଗମ ହୋଇଲେ
ହର୍ଷ ବୃକ୍ଷ ଲତାମାନେ ।
ରସକ୍ରୀଡ଼ା ବଢ଼ୁ ବାଳା ଅଙ୍ଗୋଦ୍ୟାନ
ଧରିଲା ଅପୂର୍ବ ଝଳ
ଫୁଟିଲା ତହିଁରେ ସୁରସ ଜନିତ
ରୋମାଞ୍ଚ କୁସୁମ କଳ ।
ଯୁଇ ଯାଇ ମଲ୍ଲି ରୂପେ ବିକାଶିଲା
ରମଣୀର କାଶ ହାସ
ବିମୁଗ୍ଧ କରିଲା ପୁଂସର ହୃଦକୁ
ପ୍ରସାରି ତହିଁରୁ ବାସ ।
ଖଞ୍ଜରୀଟ ଦୃଶା ନୟନ ହୋଇଲା
ଖଞ୍ଜରୀଟ କେଳି ଶାଳୀ
ପୁଂସେ ସୁଖ ଦେଲା ଭ୍ରୂଲତାର ତଳେ
ନୟନ ତାରକୁ ଗୁଳି ।

Digitized by srujanika@gmail.com

ବାଳାର ଶ୍ରବଣ   ହୋଇଲା ପାଟଳୀ
ସେ ଅଙ୍ଗ ଉଦ୍ୟାନ ସ୍ଥଳେ
ପୁଂସ ହୋଇ ଭୃଙ୍ଗ   କହ୍ଲାର ଗୁଚ୍ଛରେ
ମଧୁ ଚୁମ୍ବୁଁ ପାନକଲେ ।

ବାଳା ଗଣ୍ଡ ହେଲା   ସୁପକ୍ୱ ରସାଳ
ପୁଂସ ଚୁମ୍ବି ବାର ବାର
ଆସ୍ୱାଦନ କଲେ   ସୁରସକୁ ଚୁମ୍ବୁଁ
ମଣି ସ୍ୱର୍ଗ ସୁଖ ସ୍ଥିର ।

ବଦ୍ଧିମିତ ଓଷ୍ଠ   ହେଲା ପକ୍ୱ ବିମ୍ବ
ବାର ବାର ପୁଂସ ଶୁକ
ରସ ଆସ୍ୱାଦିଲେ   ଦନ୍ତ ଚଞ୍ଚୁ ଘାତେ
ନାଶି କାମ କ୍ଷୁଧା ଦୁଃଖ ।

ମନମୁଗ୍ଧକାରୀ   ଶ୍ରୀଫଳ ପାଦପ
ହୋଇଣ ରମଣୀ ଶ୍ରେଣୀ
ଶାଖାରେ ଧଇଲା   ପୀନ ପୟୋଧର
ରୂପୀ ନାରିକେଳ ବେନ ।

ସେହି ବେନ ସ୍ପର୍ଶି   ଶ୍ରୀଫଳ ସମ୍ଭୋଗେ
ରତ ହେଉ ଯୁବାମଣି
ନଖ ଦନ୍ତ କ୍ଷତ   କଲେ ଚହିଁ ବନ୍ଧୁ
ଯା ନୋହି ପାରିଲା ଗଣି ।

ରମଣୀ କହିଲା   "ଯେତେ ସୁଖ ଦେଲ
କେବେ ପ୍ରତିଦାନ ତାର
କରିକି ପାରିବ   ମୁଁ ସ୍ଥିର ରମଣୀ
ତୁମ୍ଭେ ପୁଂସ ଶୋଭା ସାର ।"

Digitized by srujanika@gmail.com

ଉତ୍ତରିଲେ ପୁଂସ “ସେହି ପ୍ରତିଦାନ
କରି ପାରିବୁ ଏ ରାଣୀ
ଯେବେ ପୁଂସ ରୂପେ ମୋ ସହେ ବିହରି
ଦେବୁ ମୋର ସୁଖ ଦାନୀ ।
ତୁ ଜଳ ଆଦର ଯେ ସୁଖ ପାଇଲୁ
ମୁଁ ପାଇବି ତଳେ ଶୋଇ
କର ଅଙ୍ଗୀକାର ଏ ମୋର ପ୍ରସ୍ତାବେ
କହୁନ୍ତି ବିମଳା ନୋହି ।”

ହୃଦ କୃତଜ୍ଞତା ପ୍ରକାଶନ ପାଇଁ
ବାଳା କର ଅଙ୍ଗୀକାର
ପୁରୁଷ ରୂପରେ ପ୍ରିୟ ଉର୍ଦ୍ଧ୍ୱେ ରହି
ସୁଖେ କରିଲା ବିହାର ।
ଉର୍ଦ୍ଧ୍ୱେ କ୍ରୀଡ଼ା ରତ କହିଲା ସୁନ୍ଦରୀ
“ପୂର୍ବେ ସୁଖୁ ଏହା ବଳେ
ସର୍ବେ ପୁଂସ ସୁଖୀ ତର ଯେଣୁ ଉର୍ଦ୍ଧ୍ୱେ
କ୍ରୀଡ଼େ ସେ ନ ରହି ତଳେ ।”

କହିଲେ ପୁରୁଷ “ଜମାଷ୍ଟର୍ଥେ ଫେରି
କହିବି ଦେବୀଙ୍କୁ ମୁହିଁ
ସେ ତୋତେ କରିଲେ ପରିଣତ ପୁଂସେ
ଉର୍ଦ୍ଧେ ମୋ କ୍ରୀଡ଼ିବୁ ତୁହି ।
ପୂର୍ବ ପରି ମୋତେ ନାରୀ କର ବୋଲି
କରିବି ମୁଁ ନିବେଦନ
ପତ୍ନୀ ରୂପେ ମୁହିଁ ତୋର ତଳେ ଶୋଇ
ତୋଷିବି ତୋହର ମନ ।”

Digitized by srujanika@gmail.com

କହିଲ ସୁନ୍ଦରି "ମୁହିଁ ରାଜଜେମା
ସେ କଥା ନ କହ ଆଜ
ମୋତେ ପରିହାସ ପ୍ରଜାଏ କରିବେ
ଏଣୁ ମୋ ନାଶିବୁ ଆଜ ।
ନାରୀ ରୂପେ ମାତ୍ର ତୁମ୍ଭର ଉପରେ
ଝୀଙ୍କ ନ ପାରେ କି ରତ୍ନି
ଝୁପଣିତ କାଳ ନୂପୁର ଧ୍ୱନିରେ
କାମେ ହେଉଛନ୍ତି ଦନ୍ତି ।
କହୁଛ ତୋହର 'କୁଚ ଝପଣିରେ
ଯେଉଁ ଶୋଭା ଅଛି ଧରି
ସ୍ୱର୍ଗ ମର୍ତ୍ତ୍ୟ ନାଗେ ସୃଷ୍ଟି ଯେତେ ଶୋଭା
ନୋହିବ ସେ ଶୋଭା ସରି ।
ଶୋଭାଲତା ଧରେ ସୁଧା ପକ୍ୱଫଳ
ବୋଲି କବିଙ୍କର ବାଣୀ
ମଣିଥାନ୍ତି ମିଥ୍ୟା କପୋଳ କଳ୍ପିତ
ଦେଖି ନଥିଲେ ଯୁଁା ଆଣି ।'
ପ୍ରଶଂସି ଉରଜେ ରଖିଛ କି ତାକୁ
ରସେ ହୋଇ ବ୍ୟାକୁଳିତ
ଅବଶ୍ରାନ୍ତେ ତାକୁ ଦେଉଛ ବିଦାରି
ନ ବନ୍ଧି ଦୟା କଣ୍ଟିତ ।
ଛିଣ୍ଡିଗଲା ମୋର ବକ୍ଷୁ ହାରମାଳା
ତୁମ୍ଭ ବେନ ହସ୍ତ ବାଜି ।
କହୁଅଛ 'ପ୍ରତି- ବନ୍ଧକ ହେଉଛି
ତୋର ଉରହାର ରାଜି ।'

Digitized by srujanika@gmail.com

ଏତେ ସୁଖ ମୁହିଁ   ଦେଇ ପାରିବି କି
    ଯଦି ପୁଂସେ ପାଲଟିବ ?
ଏତେ ସୁଖ ମୁହିଁ   ନିଜେ ପାଇବି କି
    ଯଦି ସଦା ନମ୍ରେ ଥିବ ?
କିନ୍ତୁ ତୁମ୍ଭ ସୁଖ   ମୋର ସୁଖୁ ବଳେ
    ଯେଣୁ ମୋ କଟି କିଙ୍କିଣୀ
ବିପରୀତ କାଳେ   ରୁଣୁ ଝୁଣୁ ବାଜି
    ନିଏ ତୁମ୍ଭ ମନ କିଣି ।

ବିପରୀତେ ଶୁଣି   ନୂପୁରର ନାଦ
    କହ 'ଏ ସ୍ୱର୍ଗ ସଙ୍ଗୀତ
ଗାୟିକା ଶ୍ରେଷ୍ଠାର   ଗାୟନୁ ମଧୁର
    ହରଷ ଦେଇ ଅମିତ' ।
ଦେଖି ତୁମ୍ଭ ପରେ   ମୋହର ନର୍ତ୍ତନ
    କହୁଛ ସ୍ୱର୍ଗ ଅପ୍‌ସରା
ଯେତେ ଅଭିନୟେ   କରିଲେ ହେଁ ନାଟ୍ୟ
    'ନୋହିବ ଏ ନାଟ୍ୟ ସରି ।'

ବିପରୀତ କାଳ   କୁଚ ଯୁଗ୍ମେ ଗୃହିଁ
    କହୁଛ 'ପ୍ରକୃତ ବେଳେ
ଯେ ଶୋଭା ଧରେ ଏ   ତହୁଁ ବେଳେ ଏବେ
    ଜିଣି ସ୍ୱର୍ଣ୍ଣ ତାଳେ ହେଲେ ।
ପ୍ରକୃତ ରସର   କାଳେ କହୁଅଛ
    ସ୍ୱର୍ଣ୍ଣ ଶ୍ରୀଫଳ ତୋ କୁଚ
ନଖ ଦନ୍ତେ ସିନା   ବିଦାରିଲେ ଯାକୁ
    ପିଇବ ଶୋଭାର ଜଳ ।'

Digitized by srujanika@gmail.com

କିନ୍ତୁ ବିପକ୍ଷରେ   ବେଦନା କୁଟିଳ ମର୍ଦ୍ଦି
କହୁଛ ଏ ସୁଧା କୁମ୍ଭ
ଯହୁଁ ସୁଧାପାତ୍ରେ   କରିବ କରଜ
ମାରି, ତେଲ ଛନ୍ଦି ଚୁମ୍ବ ।
ଏଣୁ ମୋ ସମ୍ମତି   ଜଣାଉଛି ଶୁଣ
ରସ କେଳି ବେଦନା ଜାତି
ଏକ ପରେ ଅନ୍ୟ   ରଚନା କରଣ
କାଟୁଥିବା ପ୍ରତି ରାତି ।
ଏହି ଜନ୍ମ ଶେଷେ   ଋଣୀ ହୋଇ ତୁମ୍ଭେ
ହେବ ଅନ୍ୟ ଜନ୍ମେ ନାରୀ
ମୁହିଁ ହୋଇ ପୁଂସ   କେଳୀରେ ତୁମ୍ଭଙ୍କୁ
କରିବ ଋଣରୁ ପାରି ।
ତୁମ୍ଭେ ଋଣ ମୁକ୍ତ   ହୋଇ ପ୍ରେମାଧିକ୍ୟେ
କରିଦେବ ମୋତେ ଋଣୀ
ତା ଶୁଝିବ ମୁହିଁ   ପରବର୍ତ୍ତୀ ଜନ୍ମେ
ହୋଇ ମୁହିଁ ପୁଂସ ପୁଣି ।
ଜନ୍ମେ ଜନ୍ମେ ଆମ୍ଭେ   ପ୍ରେମ ବଣିଜାରେ
କେହି ଉତ୍ତମର୍ଣ୍ଣ ଜଣେ
ଥିଲେ ସିନା ବାଧି   ନ କାଟିବେ ଆମ୍ଭ
ଅମୂଲ୍ୟ ପ୍ରେମ ବନ୍ଧନେ ।
ପ୍ରତି ଜନ୍ମେ ଆମ୍ଭେ   ପତି ପତ୍ନୀ ହୋଇ
ଭୁଞ୍ଜୁଥିବା ପ୍ରେମ ମଧୁ
ଏଣୁ ପୁଂସ କପାଁ   ହେବ ଏହି ଜନ୍ମେ
ନ ହୋଇ ତୁମ୍ଭର ବଧୂ ।”

Digitized by srujanika@gmail.com

ପରସ୍ପରେ ବନ୍ଧୁ ପ୍ରୀତି ପୂର୍ଣ୍ଣ ବାଣି
କହନ୍ତି ପ୍ରେମିକା ପ୍ରେମିକ
କେଳି ସମ୍ଭାଷଣେ ଊଷା କାଳଯାଏ
ସ୍ୱର୍ଗ ସୁଖେ କରି ଧିକ ।

କେଳି ପୁର ପାଶେ ଶୁଣିଣ ଚହଳ
କରିଲେ ଦୁଃଖିତ ମତି
ରସ କେଳୀ ଗୁଡ଼ ଲାଗି ପରିଧାନ
ପିନ୍ଧିଲେ ଯତନେ ଅତି ।

ଶାମ୍ବ ଶାମାରୂପେ ନାରୀ ବେଶ ପିନ୍ଧି
କହିଲେ ଚନ୍ଦ୍ରାକୁ ଧୀରେ
"ଗୁନ୍ଥ ଛିନ୍ନ ହାର ତୋଳ ଶଯ୍ୟା ପୁଷ୍ପ
ସଜାଡ଼ କେଶକୁ ଶିରେ ।

ନ ଜାଣନ୍ତୁ କେହି ମୁହିଁ ପୁଂସ ବୋଲି
ଗୁପ୍ତେ ରହୁ ଆମ୍ଭ ପ୍ରୀତି
ଦ୍ୱାରକାରେ କେବେ ରହୁଥିବା ଭିନ୍ନ
କେଳି ରସେ ରହି ନିତି ।"

ଚନ୍ଦ୍ରା ଏହା ଶୁଣି ଅତି ତରତରେ
କେଳି ଇତିହାସ ଚିହ୍ନ
ସମସ୍ତ ଲୁଚାଇ କବାଟ ଫିଟାଇ
ଶାମ୍ବରୁ ରଖିଲା ଭିନ୍ନ ।

ଦାସୀ ଆସି କହେ ଚନ୍ଦ୍ରାଙ୍କୁ "ଆଦେଶି
ଛନ୍ତି ମୋତେ ପିତା ବାଣୀ
'ଚନ୍ଦ୍ରା ସ୍ୱୟମ୍ବର ମଧ୍ୟାହ୍ନେ ହୋଇବ
ଯିବୁ ତୁ ତାହାକୁ ଆଣି ।

Digitized by srujanika@gmail.com

ରାଜପୁତ୍ର ସର୍ବେ ସଭାରେ ଆସୀନ
ହୋଇଥିବେ ସେହି କାଳେ
କହିବୁ ଚନ୍ଦ୍ରାକୁ ବେଶ ଭୂଷା ପିନ୍ଧି
ଯିବ ସେ ସଭାକୁ ତାଳେ ।"

ଚନ୍ଦ୍ରା ଏହା ଶୁଣି ହୋଇଲା ବସ୍ମିତ
ମଣିଲା ବଜ୍ର କି ସତେ
ମେଘ ଶୂନ୍ୟ ବ୍ୟୋମୁ ପଡ଼ିଲା ମସ୍ତକେ
ଶ୍ୟାମା ଚନ୍ଦ୍ରା ବେନି ହାତେ ।

ସଦ୍ୟ ସ୍ଫୁଟ ପଦ୍ମ କରକା ପତନେ
ଯେସନ୍ତେ ସରେ ଯାଏ ଲସି
ସ୍ଫୁଟ ପଦ୍ମମୁଖୀ ପିତା ଆଜ୍ଞା ଶୁଣି
ଅବଶେ ପଡ଼ିଲା ବସି ।

ଦୁଃଖେ କହେ ଚନ୍ଦ୍ରା "ସ୍ୱୟମ୍ବର କଥା
କହି ନ ଥିଲେ ତ କେହି"
ଉତ୍ତରିଲା ଦାସୀ "ତୁମ୍ଭ ଯାହାଁ ପୂର୍ବ୍ବ
ନ ଥିଲା ପ୍ରସ୍ତାବ ଏହି ।

ଘୁଞ୍ଚିଗଲା ଯେବେ ଏ ହସ୍ତିନା ପୁର
ମନ୍ତ୍ରୀ ଉପଦେଶ ପାଇ
ସ୍ଥିର କଲେ ପିତା ତୁମ୍ଭ ସ୍ୱୟମ୍ବର
ହେବ ପୂର୍ଣ୍ଣିମାନ୍ତେ ଯାଇ ।

ପଠାଇଲେ ପତ୍ର ପ୍ରତି ରାଜପୁତ୍ରେ
ଆସନ୍ତୁ ଏ ମାସ ସରୁ
ଚନ୍ଦ୍ରା ସ୍ୱୟମ୍ବର ହେବ ଅନୁଷ୍ଠିତ
କନ୍ୟା ଶିର୍ଥୀ ଫେରୁ ଫେରୁ ।

Digitized by srujanika@gmail.com

ରାଜ ପୁରେ ଅଛି ହେଲା ଦଶ ଦିନ
ତୁମ୍ଭ ଆଗମନ ପାଇଁ
ବ୍ୟାକୁଳିତ ଚିତ୍ତେ ରହିଁ ବସିଛନ୍ତି
ବେଶ ଭୂଷା ହିନ୍ତୁ ଯାଇ ।
କାଲି ତୀର୍ଥୁ ଫେରି ହୋଇ ଶ୍ରାନ୍ତ କ୍ଲାନ୍ତ,
ବନା ବାକେ ଦ୍ୱାର ଦେଇ
ନିଦ୍ରା ଗଲି ଯେମା ତୁମ୍ଭଙ୍କୁ ମନ୍ଦିରେ
ନ ଦେଲି ଏ ବାର୍ତ୍ତା କେହି ।"
ଦାସୀର ବଚନ ଶେଷ ନ ହେଉଣୁ
ନାରଦ କୁରୁ ରାଜନ
ପ୍ରବେଶ କରିଲେ ଚନ୍ଦ୍ରା ଦ୍ୱାର ପାଶେ
ବେଣୁ କରି ଆଳାପନ ।
ଆଳାପନ କାଳେ କହନ୍ତି ଦେବର୍ଷି
"ଏଣୁ ସ୍ୱୟମ୍ବର ସ୍ଥାନେ
ଦେଖା ଦିଅନ୍ତି ନାହିଁ ଯେତେ ଖୋଜିଲେହେଁ
କୃଷ୍ଣ ବଳପୁତ୍ରମାନେ ।
କନ୍ୟା ଯୋଗ୍ୟ ବର ନ ଦିଶଇ ମୋତେ
ନିମନ୍ତ୍ରିତ ରାଜନ୍ୟରେ
ଏଣୁ ନିମନ୍ତ୍ରଣ କର ତୁମ୍ଭେ ଏବେ
କୃଷ୍ଣ ବଳଙ୍କ କୁମରେ ।"
ଏହା ଶୁଣି ରାଜା କରିଲେ ଉତ୍ତର
"ମୁହିଁ ଅଟେ ରାଜ ରାଜ
ଗୋପାଳ ପୁତ୍ରଙ୍କୁ ନିମନ୍ତ୍ରିଲେ ମୁହିଁ
ଜଗତେ ପାଇବି ଲାଜ ।"

Digitized by srujanika@gmail.com

ଶାମ୍ବ ଏହା ଶୁଣି କ୍ରୋଧ ସମ୍ବରଣ
ନକର ପୁରୁ ବାହାର
ହୋଇଣ କହିଲେ "ପୁନ ସହଇକ
ପିତା ପ୍ରତି ତିରସ୍କାର ?
ମୋ ପିତା ଶ୍ରୀକୃଷ୍ଣ ଇନ୍ଦ୍ର ସଙ୍ଗେ ବାଦ
ରଚି ତୋଳି ଗୋବର୍ଦ୍ଧନେ
ବର୍ଷା କରକାରୁ ରକ୍ଷା କରିଥିଲେ
ସପ୍ତ ଦିନ ଗୋପ ଜନେ ।
ଦୁଷ୍ଟଙ୍କୁ ସଂହାରି ସନ୍ଥ ଜନ ତାରି
ଜସ୍ୱୀସି ଛନ୍ତି ସେ ପୃଥ୍ୱୀ
ଜଗତ ଜନଙ୍କ ରକ୍ଷକ ବୋଲିଣ
ବନ୍ଦେ ତାଙ୍କୁ ସ୍ତୁତି ଗୃତି ।
ଧର୍ମ ସଂସ୍ଥାପନ କର୍ମେ ରତହୋଇ
ଶତ୍ରୁମିତ୍ର ନିର୍ବିଶେଷେ
ନ୍ୟାୟ ତୁଳାଦଣ୍ଡ ଯେ କୃଷ୍ଣ ଧରନ୍ତି
ନନ୍ଦିତ ହେବେ କି କ୍ଲେଶେ ।
ଅବତାର ପୁଂସ ବୋଲି ଖ୍ୟାତି ଯାର
ବ୍ୟାପିଅଛି ତ୍ରିଲୋକେ
ସ୍ୱର୍ଗେ ଦେବତାଏ ମର୍ତ୍ତ୍ୟେ ରାଜାଗଣ
ବନ୍ଦନ୍ତି ଯାହାଙ୍କୁ ଶ୍ଳୋକେ ।
ତାଙ୍କୁ ନିନ୍ଦାକରି ତୁମ୍ଭେ ନିଜେ ହେବ
ନିନ୍ଦିତ ଜଗତ ଜନେ
ତାଙ୍କ ସଙ୍ଗେ ତୁମ୍ଭେ ଶତ୍ରୁତା ଆଚରି
ନ ପାରିବ ତିଷ୍ଠି କ୍ଷଣେ ।"

Digitized by srujanika@gmail.com

ଛଡୁ ନାହିଁ ମୁଖୁ   ରାଜା ଶୁଣି ଏହା
ହୋଇଣ ବିସ୍ମିତ ଅତି
କହିଲେ "ଅବୈଧ   ପ୍ରବେଶକାରୀର
ହେଉ ଆଜ ମୃତ୍ୟୁ ଗତି ।"
ରାଜାଙ୍କ ଆଦେଶେ   ପ୍ରବେଶିଲେ ତହିଁ
ନଗର ରକ୍ଷକଗଣ
ଶାମ୍ବ ପୁଂସ ବେଶ-   ଧରି ରକ୍ଷକଙ୍କୁ
ଦେଖି କଲେ କ୍ରୁଦ୍ଧ ମନ ।

କଟି ବନ୍ଧ ରୂପେ   ବେଷ୍ଟିତ କୃପାଣ
ଶାମ୍ବ କରି ଉନ୍ମୋଚନ
ପ୍ରତିରୋଧ ପାଇଁ   ତାହାକୁ ବୁଲାଇ
କଲେ ତାକୁ ଉତ୍ତୋଳନ ।
ଚନ୍ଦ୍ରା ଏହି କାଳେ   ପିତା ପାଦେ ପଡ଼ି
କହିଲା "ଏ ପୁଂସ ବର
ଅଟନ୍ତି ମୋ ପ୍ରିୟ   ଅକାରଣେ କିପାଁ
ନପ୍ୟୋଜୁଛ ସ୍ୱୟମ୍ବର ।

ଏହାଙ୍କ ଜୀବନ   ରଖ ହେ ଜନକ
ଏ ଯୁବା ନୁହନ୍ତି ସାନ
ଏହାଙ୍କ ସଙ୍ଗରେ   କରି ମୋତେ ବଦ୍ଧ
କର ମୋତେ ଦୁଃଖୁ ତ୍ରାଣ ।"
ଉତ୍ତରିଲେ ରାଜା   "ଅକଳଙ୍କ ଚନ୍ଦ୍ର
ବଂଶରେ ଅଟୁ ତୁ ଜାତ
ଗୋପାଳ କୃଷ୍ଣର   ପୁତ୍ରର ପାଦକୁ
ପ୍ରକ୍ଷାଳିବ କି ମୋ' ହାତ ।

Digitized by srujanika@gmail.com

ସ୍ୱୟମ୍ବର କାଳେ　　ସର୍ବ ସମ୍ମୁଖରେ
ତୋ କଳ୍ପିତ ଅପମାନ
ବର ନ ପାରିବ　　ତୋର କଥା ଶୁଣି
ଗଲେ ଯାଉ ମୋର ପ୍ରାଣ ।
ନ କର କଠାଳ　　ଯାଇ ସଭାସ୍ଥଳେ
ବର ସ୍ୱୟମ୍ବରେ ପତି
ବୁଧି ଲଙ୍ଘି ଏଥେ　　ଆଗତ ଯୁବାର
ହେବ ଶିର ଛେଦ ଗତି ।

ଯେ ଦେଇଛୁ ମୋତେ　　ଏତେ ଅପମାନ
ଏତେ ରାଜାଙ୍କର ଆଗେ
କପଟ ସେ ତାର　　ପ୍ରାଣ ଧରିଯିବ
ଦେଖିବାତ ଏହି ଲଗେ ।"
ଉତ୍ତୋଳିତ ଖଡ୍ଗ　　କରି ସମ୍ବରଣ
ଚନ୍ଦ୍ରାବତୀ ନିବେଦନ
ଶୁଣୁଥିଲେ ଶାମ୍ବ　　କୁତୂହଳ ଚିତ୍ତେ
ଜାଣିବାକୁ ରାଜା ମନ ।

ପିତା ପ୍ରତି କନ୍ୟା　　ଅନୁନୟ ବାଣୀ
ହୋଇଲା ଯେବେ ନିଷ୍ଫଳ
ଶାମ୍ବ ପୁନଃ ଖଡ୍ଗ　　ଆସ୍ଫାଳନ୍ତେ ଭୟେ
ପଳାଇଲେ ଋଷୀ ଦଳ ।
ଶାମ୍ବ ସଙ୍ଗେ ଚନ୍ଦ୍ରା　　ଆପଣା ମନ୍ଦିରେ
ପୁନଃ ହୁଅନ୍ତେ ପ୍ରବେଶ
ଚନ୍ଦ୍ରା ନିବେଦିଲା　　"ତୁମ୍ଭେ କୃଷ୍ଣ ସୁନୁ
ମୋ'ଲାଗି ଲଭିଲ କ୍ଲେଶ ।

Digitized by srujanika@gmail.com

ଆଜ ଯା ଶୁଣିଲି ମୁହିଁ କୃଷ୍ଣ ବଧୂ
ଧନ୍ୟ ମଣୁଛି ଜୀବନ
ରାଜ ରଥ ଶାଳ୍ବ ରଥ ଆଣି ଗଲ
ଯିବା ଦ୍ୱାରକୁ ବନ୍ଧନ ।
ମୋ ପିତା ଆଦେଶେ ପ୍ରବେଶିବେ ଏଥେ
ଗଣରଙ୍କା କୁରୁ ସେନା
ତୁମ୍ଭେ ଏକା ହୋଇ ମନ୍ତ୍ରି କି ପାରିବ
ଶତ୍ରୁ-ସିନ୍ଧୁ ବନା ସେନା ?
କେତେ ଯେ ସୁନ୍ଦରୀ ତୁମ୍ଭଙ୍କୁ ବରନ୍ତେ
ଅକାରଣେ ମୋର ପାଇଁ
ଏଡ଼େ ଭୟଙ୍କର ବିପଦେ ପଡ଼ିଲ
ବୋଲି ଦୁଃଖ ଲଭେ ସ୍ୱାମୀ ।
ଏ ବିପଦ ଏଡ଼ି ମୋତେ ସଙ୍ଗେ ନେଇ
ଗଲିଯାଅ ବନ୍ଧୁ ଏଥୁ
ତୁମ୍ଭ ବିନା ମୁହିଁ ଏଥେ ରହିବି କି ?
ହେ ମୋ ଦୁଃଖ-ସିନ୍ଧୁ-ସେତୁ ।
କହି ଚନ୍ଦ୍ରା କଲି ବିକଳେ କନ୍ଦନ
ପ୍ରବୋଧିଲେ ପୁଂସବର
କହିଲେ ଏ ସବେ ଶୃଗାଳ ମୁଁ ସିଂହ
ଧଇର୍ଯ୍ୟ ଅଳପ ଧର ।
ଭସ୍ମ କରି ମୁହିଁ ବିନା କଳହରେ
ଲଭିବି ତୋ ଗୁପ୍ତ ପ୍ରୀତି
ପ୍ରକାଶ ପାଇଲା ଯେବେ ସେହି ସ୍ନେହ
ସମରେ ନାହିଁ ମୋ ଭୀତି ।

Digitized by srujanika@gmail.com

ନକେ ମୁହିଁ ଲେଢ଼ ନାହିଁ ସମରକୁ
ତୋ ପିତା ଇଚ୍ଛିଲେ ଏହା
ବୀରପୁତ୍ର ମୁହିଁ ଭୟେ ପଳାୟନେ
କେବେଭେ ନୋହିବ ମୁଁ ସ୍ନେହା ।
ରାଜାଙ୍କ ଆଦେଶେ ଅଳ୍ପ କ୍ଷଣ ପରେ
ପ୍ରବେଶିଲ ଦୁଃଶା ବୀର
ପ୍ରତି ହସ୍ତେ ଚକ୍ର- ଷଠି ଖର ଗଦା
ଧରି କମ୍ପାଅଇ ଶିର ।
ଛନ୍ତି ଅଗଣିତ ରଥ ହସ୍ତୀ ସେନା
ଦୁର୍ଜୟ ପଦାତି ତାର
ଧରିଛନ୍ତି ହସ୍ତେ ଅଶୀ, ମୁଦ୍‌ଗର
ଧନୁ, ଶୂଳ ଅନିବାର ।
ଦୁଃଶାର ଆଦେଶେ ମେଢ଼ ଚକ୍ରପାଶେ
ବେଢ଼ିଗଲେ ସୈନ୍ୟଗଣ
ଶାମ୍ବକୁ ଡାକନ୍ତି "ମେଢ଼ ଆସି ବୀର
କର ଆମ୍ଭ ସଙ୍ଗେ ରଣ ।"
ରଣ ଡାକ ଶୁଣି ମେଢ଼ରୁ ବାହାରି
ସୈନ୍ୟ ସମ୍ମୁଖକୁ ଆସି
ଶାମ୍ବ କଲେ ରଣ ଅର୍ଦ୍ଧ ରାତ୍ରୀ ଯାଏ
ଶତ୍ରୁପକ୍ଷ ସୈନ୍ୟ ନାଶି ।
ବହୁ ସେନାପତି ବହୁ ସୈନ୍ୟ ହସ୍ତୀ
ହୋଇଲେ ନିଧନ ରଣେ
ଏକା ହୋଇ ଶାମ୍ବ ଯୁଝଇ ଦୁର୍ଦ୍ଦଣ୍ଡ
ଅଶିବର ଆସ୍ଫାଳନେ ।

Digitized by srujanika@gmail.com

ଆମନ୍ତ୍ରିତ ବୀର ରାଜନ୍ୟ ଶୁଣିଲେ
ଚନ୍ଦ୍ରାପୁରେ ଶାମ୍ବ ପଶି
ଏଡ଼େ ସ୍ୱୟମ୍ବର କରନ୍ତି ବିଫଳ
ଚନ୍ଦ୍ରା ପରଣସ୍ଥ ରସି
ସନ୍ଥ ରାଜପୁତ୍ରେ କରିଲେ ବିଚାର
ଗୋଳ ନୁହେ କାହା ହିତ
ଯଦି ଶାମ୍ବ ଚନ୍ଦ୍ରା ବିବାହ ଇଚ୍ଛିଲେ
ହେବା ଶାମ୍ବ ସଙ୍ଗେ ମିତ୍ର ।

ଦୁଷ୍ଟ ରାଜ ପୁତ୍ରେ କନ୍ୟା ପ୍ରାପ୍ତି ଆଶେ
କରିଲେ ମନେ ବିଚାର
ଆମନ୍ତ୍ରିତ ନୋହି କନ୍ୟାକୁ ନେବ କି
ଶ୍ରୀକୃଷ୍ଣର ପୁତ୍ର ଗ୍ଧର ।
ଏହା ଭାବି ଦୁଷ୍ଟ ଦୁର୍ଜନ ରାଜାଏ
ଶାମ୍ବ ପରେ ଆକ୍ରମିଲେ
ଅସି ଶୂଳ ଶାମ୍ବ ନାଶିଲେ ଶତ୍ରୁଙ୍କୁ
ନ ଧ୍ୟାଇ ପଛକୁ ଡିଲେ ।

ଭୀଷ୍ମ ଦ୍ରୋଣ ଆଦି କରନ୍ତି ସଂଗ୍ରାମ
ଦୁଃଶାଳୁ ସଙ୍ଗରେ ଧରି
ଶତ୍ରୁ ଶରଘାତେ ଶାମ୍ବର ଦେହରୁ
ରକତ ପଡଇ ଝରି ।
ତେବେ ହେଲେ ଶାମ୍ବ ନ ହୋଇ କାତର
ଯୁଝେ ଧରି ତରବାରି
ଯେ ପଡ଼େ ତା ଆଗେ ଲୋଟେ ସେ ମହୀରେ
ଅବା ଅପସରେ ହାରି ।

Digitized by srujanika@gmail.com

ଅର୍ଦ୍ଧଗ୍ନୀ ଗଡ଼ ହେଲା ଦଶ ଘଡ଼ି
ଯୁଦ୍ଧର ବିରାମ ନାହିଁ
ଚକିତେ ଶାମ୍ବର ସମର କୌଶଳ
ଦେଖେ ପୁରେ ଚନ୍ଦ୍ରା ଥାଇ ।
କହିଲା, 'ଏହାଙ୍କ ରୂପ ଶୋଭା ଦେଖି
ଥିଲି ସିନା ମୁହ୍ୟମାନ
ଜାଣି ମୁଁ ନଥିଲି ଏଅଳ୍ପ ବୟସେ
ଅଟନ୍ତି ଏ ସାମର୍ଥ୍ୟବାନ ।

ଏହିପରି ବୀର ପୁତ୍ର ଧନ୍ୟ ଧନ୍ୟା
ଅଟଇ ମାତା ଅବଶ୍ୟ
ମୋହର ଜୀବନ ସାର୍ଥକ ହୋଇଲା
ପାଇ ଏହି ଭାଗ୍ରଣୀ ।
ଏ ଯୁଦ୍ଧ ବିପଦ ଦାଣ୍ଡୁ ମୋ ପ୍ରଣୟୀ
ହୋଇଯାନ୍ତୁ ସଦା ପାରି
ଭାବିବି ଜନମି ନାହିଁ କେହି ମୋର
ସମ ଭାଗ୍ୟବତୀ ନାରୀ ।

ରକ୍ଷାକର ଆଜ ପତିଙ୍କୁ ବିପଦୁ
ହେ ସର୍ବ ମଙ୍ଗଳା ମାଏ
ଯୁଦ୍ଧ କ୍ଷେତ୍ରେ ୟାଙ୍କୁ ନ ଛୁଉଁବ ଆଜ
ମୋର ପ୍ରାଣଥିବା ଯାଏ ।
ଏହା କହି ବାଳୀ ବିକଳ ହୋଇଣ
ସର୍ବ ମଙ୍ଗଳାଙ୍କୁ ସ୍ମରେ ।
ଶାମ୍ବ ଅଙ୍ଗେ ଶତ୍ରୁ ଆଘାତ ବାଜିଲେ
ବିକଳେ କ୍ରନ୍ଦନ କରେ ।

Digitized by srujanika@gmail.com

ରାତି ଅନ୍ଧକାରେ ନ ଦେଖିଲ୍ଲ ଯେବେ
ଦୁଃଶାର ଗଦା ପ୍ରଚଣ୍ଡ
ସେହି ଗଦାଘାତେ ଶାମ୍ବ ତରବାରି
ହୋଇଗଲା ଖଣ୍ଡ ଖଣ୍ଡ ।
ଦୁଃଶାସନ କରି ଶାମ୍ବକୁ ବନ୍ଧନ
ତାଙ୍କୁ ନେଲା ରାଜା ପାଶେ
"ଯୁବା ଶିରଚ୍ଛେଦ କର" ବୋଲି କହେ
ଦୁର୍ଯ୍ୟୋଧନ ଅଟ୍ଟହାସେ ।
ଦୁଃଶାସନ ଆଦି ଶାମ୍ବକୁ ବନ୍ଧନେ
ଶ୍ମଶାନ ଭୂମିରେ ରଖି
ଶାମ୍ବର ନିଧନେ ହୁଅନ୍ତେ ଉଦ୍ୟତ
ପାଣ୍ଡବେ ଦେଲେ ତା ଲକ୍ଷି ।
କୌରବେ ସମ୍ବୋଧି କହିଲେ ଯୁଧିଷ୍ଠି
"ତୁମ୍ଭେ ବନ୍ଧୁ ଶତ୍ରୁ ଜଣେ
ରଖସିନା ବାନ୍ଧି ପ୍ରତାପୀ ଯୁବକେ
ନ ଗୁଡ଼ ବନ୍ଧନୁ କ୍ଷଣେ ।
କିନ୍ତୁ ତାକୁ ଯଦି ପ୍ରାଣରେ ମାରିବ
କୃଷ୍ଣ ବଳରାମ ଆସି
ସମରାଗ୍ନି ଜାଳି କୁରୁ କୁଳ ଧ୍ୱଂସି
ଦେବେ ହସ୍ତିନାକୁ ନାଶି ।
ମୁଣ୍ଡି ନଜେ ଯାଇ ଦୁର୍ଯ୍ୟୋଧନେ କହି
ଦେବ ତାଙ୍କୁ ନ୍ୟାୟ ଭାର
ଉପଯୁକ୍ତ ଦଣ୍ଡ ଦେବେ ସେ ଶାମ୍ବକୁ
ବୁଝିଣ ଅସାର ସାର ।"

Digitized by srujanika@gmail.com

ଯୁଧିଷ୍ଠିରଙ୍କର ଏଡ଼ୁ ସାଧୁ ବାଣୀ
ନ ରୁଚଇ ଦୁଃଶାସନେ
ଦୁଷ୍ଟ ବୁଦ୍ଧି ଧରି ଘୃଣନ୍ତି ପାଣ୍ଡବେ
ସମର୍ଥନ୍ତି କୃଷ୍ଣ ମନେ ।
ଶାମ୍ବ ଶିର ଛେଦେ ଦୁଃଶା ଅଶି ଧରୁ
ପ୍ରତିରୋଧେ ଭୀମ ବୀର
କୌରବ ପାଣ୍ଡବ ହେଲେ ଉତ୍କଟ
କ୍ରୋଧେ କମ୍ପାଇଣ ଶିର ।
ଅର୍ଜୁନ ସଙ୍ଗରେ କର୍ଣ୍ଣର ସମର
ନୁହଇ ବର୍ଣ୍ଣନା କରି
ପରସ୍ପରେ ତୀକ୍ଷ୍ଣ ଶର ନକ୍ଷେପନ୍ତି
ଯେନୁ ଜଳଧାର ପରି ।
ଭୀମ ଦୁଃଶାସନ ମାଲ ଯୁଦ୍ଧେ ରତ
ହୋଇ ହାନ୍ତି ଗଡ଼ା ଗଡ଼ି
ବେନି ଧରି ଗଦା ପରସ୍ପରେ ପିଟି
ଘୂରନ୍ତି ସିଂହର ରଡ଼ି ।
କୁନ୍ତ ଯୁଦ୍ଧେ ରତ ହେଲେ ସେହି କାଳେ
ନକୁଳ ଓ ଶଲ୍ୟବୀର
ସହଦେବ ଖଡ୍‌ଗ ବୁଲାଇ ଧାବନ୍ତି
କୁରୁଙ୍କ କାଟିବେ ଶିର ।
ବେନି ପକ୍ଷ ମଧ୍ୟେ ବେଳୁ ବେଳ ଯୁଦ୍ଧ
ହୋଇଲା ଭୀଷଣତର
ଏକ ପକ୍ଷ ଶାମ୍ବ ନିଧନେ ଉଦ୍ୟତ
ଅନ୍ୟ ରକ୍ଷା ତତପର ।

Digitized by srujanika@gmail.com

ତୃତୀୟ ସର୍ଗ

ଶାମ୍ବ ଯେବେ ଜମାଖର୍ଥେ କରିଲେ ଗମନ
ନ ଜାଣିଲେ କେହି ଦ୍ୱାରବତୀ ପୁର ଜନ ।
କୃଷ୍ଣ ବଳରାମ ତହୁଁ ପୁତ୍ରେ ଅନ୍ୱେଷିଲେ
ଶାମ୍ବ ସଞ୍ଚାର ଠାବକୁ ଚରକୁ ପେଷିଲେ ।
ନ ପାଇଲେ ଯହୁଁ କାହିଁ ପୁତ୍ରର ସନ୍ଦେଶ
ଜନ୍ମିଲା ସମସ୍ତ ମନେ ଆଶଙ୍କା ଅଶେଷ
ଦିନ ପରେ ଦିନ ଯାଉ ପିତା ମାତା ମନେ
ସନ୍ଦେହ କରିଲେ, "ପୁତ୍ର ନାହିଁ କି ଜୀବନେ ?"
ଅଶନେ ବସନେ ଆଉ ନ ରଖିଲେ ମତି
ପଥିକଙ୍କୁ ଜିଜ୍ଞାସନ୍ତି ବ୍ୟାକୁଳରେ ଅତି
ଦୂର ମିତ୍ର ଜନ ପାଶେ ପଠାଇଲେ ପତ୍ର
ଗ୍ରାମ ଗିରି ନର୍ବଶେଷେ ଖୋଜିଲେ ସର୍ବତ୍ର ।
ଶାମ୍ବର ସନ୍ଧାନ ଯେବେ ନ ପାଇଲେ କିଛି
ଭାବିଲେ ତାହାକୁ କେହି ଜୀବନେ ମାରିଛି
ପୁତ୍ର ଗୁଣ ଶୋଭା ସ୍ମରି କରନ୍ତି କ୍ରନ୍ଦନ
କେହୁ ମୂର୍ଚ୍ଛିତ ହୁଅଇ ବାଞ୍ଛେ କେ ମରଣ ।
ଏକାଳେ ନାରଦ ଋଷି ଦ୍ୱାରକାକୁ ଆସି
ସନ୍ଦର୍ଶିଲେ ରାମ କୃଷ୍ଣେ ଆଶିଷ ପ୍ରକାଶି
ପଚାରିଲେ "କେଉଁ ହେତୁ ଏଡ଼େ ଦୁଃଖଗ୍ରସ୍ତା
ଦ୍ୱାରବତୀ ପୁରେ ଘନେ ବିସ୍ତାରିଛି କାୟା ।

Digitized by srujanika@gmail.com

ନଶୁଣେ ମୁଁ ହାସ୍ୟ ଖେଳ କୌତୁକ ବଚନ
ସର୍ବଜନ ହୋଇଛନ୍ତି ଚିନ୍ତାରେ ବିଷଣ୍ଣ"

ଉତ୍ତରିଲେ କୃଷ୍ଣ, "ମୁନି, ମୋ ଶାମ୍ବ କୁମର
ଦରଶନ ବିନା ଦୁଃଖ ଭୋଗୁଛି ଅସର ।
କହି ପାରିବକି ପୁତ୍ର ଅଛି କେଉଁ ସ୍ଥାନେ ?
ଭୟ କରୁ କାଳୁ କେହି ମାରିଅଛି ପ୍ରାଣେ
ଶୁଣିଲେ ତା ଶୁଭ ବାର୍ତ୍ତା ସର୍ବେ ହେବୁ ସ୍ଥିର
ତାର ଘାର୍ଦ୍ଧ ଅଦର୍ଶନେ ହୋଇଛୁ ଅଧୀର ।
ଉତ୍ତରିଲେ ମୁନି, "ଶାମ୍ବ ରାଜା ହସ୍ତିନାର
କନ୍ୟା ସଙ୍ଗେ ଗୁପ୍ତେ କଲା ପିରତି ବେଭାର
ଜାଣି ରାଜା ଦୁର୍ଯ୍ୟୋଧନ ହେଲେ ଆଜ୍ଞାକାରୀ
"କନ୍ୟା ସ୍ନେହରେ ବାନ୍ଧି ନିଅ ଶ୍ମଶାନରେ ମାରି ।"

ସେହି ଆଜ୍ଞା ଅନୁସରି ଯୁବା ଶାମ୍ବ ସଙ୍ଗେ
କୁରୁ ସୈନ୍ୟ ରତ ହେଲେ ମହାଯୁଦ୍ଧ ରଙ୍ଗେ
ଦୁର୍ଯ୍ୟୋଧନ ସର୍ବଭ୍ରାତା ଭୀଷ୍ମ ଦ୍ରୋଣ ଆଦି
ଜଣେ ମାତ୍ର ଶାମ୍ବ ସଙ୍ଗେ ରଣେ ହେଲେ ବାଦୀ ।

ଚନ୍ଦ୍ରା ସ୍ୱୟମ୍ବର ପାଇଁ ଆହୁତ ରାଜନ୍ୟ
ମଧ୍ୟୁ ଯୁଦ୍ଧେ.ପ୍ରବର୍ତ୍ତିଲେ ଦୁଷ୍ଟ ରାଜାଗଣ
ଶିଷ୍ଟ ରାଜାଗଣ କିନ୍ତୁ ନ ପଶି ସଂଗ୍ରାମେ
ଚାଲିଗଲେ ଶାନ୍ତିବାଣୀ କହି ନିଜ ଧାମେ ।

ଶତ୍ରୁ ପକ୍ଷ ଜନେ ଶାମ୍ବ ସଙ୍ଗରେ ସଂଗ୍ରାମେ
ରତ ହୋଇ ବନ୍ଧୁ ଗଲେ ସଞ୍ଜୀବନୀ ଧାମେ

Digitized by srujanika@gmail.com

କୃପାଣେକ ମାତ୍ର ଧରି ଶାମ୍ବ କଲା ଯୁଦ୍ଧ
"ଆମ୍ଭ ଯୁଦ୍ଧ ବ୍ୟର୍ଥ" ବୋଲି ଶତ୍ରୁହେଲେ କ୍ଷୁବ୍ଧ ।

ଅର୍ଦ୍ଧରଜନୀ କାଳେ ଯେବେ ଅନ୍ଧାରିଲା ରସା
ଶାମ୍ବ ଖଡ଼୍‌ଗେ ଦୁଃଶା ଗଦା ବାଜିଲା ସହସା

କୁମର ଅମୋଘ ଖଡ଼୍‌ଗ ଗଦାଘାତେ ଖଣ୍ଡ
ହୁଅନ୍ତେ ହୋଇଲା ଧୃତ ଶାମ୍ବ ରଣଷଣ୍ଡ ।

ନୃଶଂସ ହୋଇଣ ଦୁଃଶା କହେ, "ଶାମ୍ବଶିର
କାଟିବ ଶରଣ ତାର ରଖୁ କେଉଁ ବୀର"

ଏ ନିଷ୍ଠୁର ଆଜ୍ଞା ଶୁଣି ପଣ୍ଡୁ ପୁତ୍ର ଗଣ
ଶାମ୍ବ ପ୍ରାଣ ରକ୍ଷା ପାଇଁ କଲେ ମହାପଣ ।

ଦୁଃଶାର କୁଠାରଘାତୁ ଶାମ୍ବେ କରି ରକ୍ଷା
ଯୁଝିଲେ ପାଣ୍ଡବେ କୁରୁ ସଙ୍ଗେ କରି କକ୍ଷା

ଦେଖି ମୁଁ ଆସିଲି ଯାହା ସେହି ରଣ ସ୍ଥଳେ
ପ୍ରକାଶିଲି ତୁମ୍ଭ ଆଗେ ସବୁ ଅବିକଳେ ।"

ଏହା କହି ମୁନି ଗଲେ ଛାଡ଼ିଣ ଦ୍ୱାରକା
କୃଷ୍ଣ ବଳ ବାର୍ତ୍ତା ଶୁଣି ହୋଇଲେ ଚାଟକା

ରୁଣୀଏ ଶାମ୍ବକୁ ସ୍ମରି କରିଲେ କ୍ରନ୍ଦନ
କହିଲେ, "ଶାମ୍ବର ପ୍ରାଣ ରଖ ଜନାର୍ଦ୍ଦନ ।"

କୃଷ୍ଣ ବଳଙ୍କ ଆଦେଶେ ସୈନ୍ୟ ହେଲେ ସଜ
ଚଳିଲା ଆଗରେ ନନ୍ଦିଘୋଷ ତାଳଧ୍ୱଜ

କୃଷ୍ଣ ବଳରାମ ହୋଇ ଯୁଗ୍ମ ସେନାପତି
ଯାଦବ ସୈନ୍ୟ ଗୁଳନେ ଦେଲେ ତାଙ୍କ ମତି ।

Digitized by srujanika@gmail.com

ପ୍ରବେଶେ ଯାଦବ ଥାଟ ହସ୍ତିନା ନଗରେ
କମ୍ପିଲା ମେଦିନୀ ସୈନ୍ୟଙ୍କର ପାଦଭରେ
କୃଷ୍ଣ ଦୁର୍ଯୋଧନ ପାଶେ ପେଶିଲେ ଖବର
"ନ ଦେଲେ ଶାମ୍ବ ଚନ୍ଦ୍ରାକୁ କରିବୁ ସମର ।"

ଉତ୍ତରିଲେ ଦୁର୍ଯ୍ୟୋଧନ, "ବୃଥା ତୁମ୍ଭ ପଣ
କୁଠାରରେ କନ୍ୟା ଦେବୁ ଭଜିବ ମରଣ"
ଏ ଉତ୍ତର ଶୁଣି କୃଷ୍ଣ ବଳ କଲେ କୋପ
ସୈନ୍ୟଙ୍କୁ କହିଲେ, "ଶତ୍ରୁବଳ କର ଲୋପ ।"

ଯାଦବ ସଇନ୍ୟ ପ୍ରବେଶିଣ ରଣ ସ୍ଥଳେ
ଦହିଲେ ଶତ୍ରୁ ସୈନ୍ୟଙ୍କୁ ହମର ଅନଳେ
ଅନନ୍ତ ରୂପକୁ ଧରି ବଳ କୋପ ଭରେ
ଲଙ୍ଗଳ ମୁନେ ଟାଣିଲେ ହସ୍ତିନା ନଗରେ ।

ଊର୍ଦ୍ଧ୍ୱେ ଟେକିଣ ତାହାକୁ ବୁଲାଅନ୍ତେ ବେଗେ
ବ୍ରହ୍ମା ଦିଗପାଳ ବଳେ ବନ୍ଦିଲେ ଉଦ୍‌ବେଗେ
କହିଲେ "ଜଗତେ ସାର ହସ୍ତିନା କଟକ
ସାଗରେ ନ ଫିଙ୍ଗି ତାକୁ ପୁନଃ ସ୍ଥଳେ ରଖ ।

ଦେଖ ରହିଁଛନ୍ତି ରହି ତୁମ୍ଭର ପାଣ୍ଡବେ
ନ କରିଲେ ତୁମ୍ଭେ ରକ୍ଷା ନାଶଯିବେ ସର୍ବେ"
ଲଙ୍ଗଳ ମୁନ ଉପରେ ଦୁର୍ଯ୍ୟୋଧନ ରହି
ବନ୍ଦିଲା ବଳଦେବଙ୍କୁ ବିନୟରେ କହି ।

ଚନ୍ଦ୍ରା ଶାମ୍ବ ଦେବନ ଜନେ ସଙ୍ଗେ ଧରି ଆସି
ନିବେଦିଲା "ହସ୍ତିନା ପୁରକୁ ଦିଅନାହିଁ ନାଶି

Digitized by srujanika@gmail.com

ସତ୍ୟାଦିବ ଚନ୍ଦ୍ରା ସଙ୍ଗେ ଶାମ୍ବ ପରିଣୟ
ହସ୍ତିନା ରଖିଲ ବୋଲି ଦିଅନ୍ତୁ ଅଭୟ ।

ଜ୍ଞାନହାରି କଲି ଦୋଷ କ୍ଷମ କୃପା ଦାନେ
ହସ୍ତିନାକୁ ରଖିଦିଅ ତାର ନିଜ ସ୍ଥାନେ"
ଦୁର୍ଯ୍ୟୋଧନ ବାଣୀ ଶୁଣି ରେବତୀ ରମଣ
ହସ୍ତିନାକୁ ନିଜ ସ୍ଥାନେ କଲେ ସଂସ୍ଥାପନ ।

ନଗ୍ର ସ୍ଥାପୁ ବନ୍ଧେ ତାର ସିଂହଦ୍ୱାର ବସେ
ସୁମରିବେ ବୋଲି ଜନେ ସେ ମହା ଦିବସେ
କୃଷ୍ଣ ବଳ ଆଦେଶିଲେ "ସମର ସଂହର"
ଯୁଦ୍ଧ ଛାଡ଼ି ବେନି ପକ୍ଷ ହେଲେ ହର୍ଷ ଭର ।

ଚନ୍ଦ୍ରା ଶାମ୍ବେ ଆଶିଷିଲେ କୃଷ୍ଣ ବଳଦେବ
କହିଲେ ବେନିଙ୍କ ବିଭା ଏହିକ୍ଷଣି ହେବ
ଛମ୍ପା ମଣ୍ଡପ ରଚିଲେ ରାଜା ଦୁର୍ଯ୍ୟୋଧନ
ବିବାହ ଯୋଗାଡ଼ କଲେ ସର୍ବ ପୁରଜନ ।

ବେଦୀରେ ହେଲେ ଆସୀନ ଶାମ୍ବ ଚନ୍ଦ୍ରାବତୀ
ପୁରୋହିତ ବେଦପାଠେ ହୋମେ ଦେଲେ ମତି
ଚନ୍ଦ୍ରାକୁ କୋଳେ ବସାଇ ଛନ୍ତି ଦୁର୍ଯ୍ୟୋଧନ
କୃଷ୍ଣଙ୍କ କୋଳରେ ଶୋଭେ ଶାମ୍ବ ଚନ୍ଦ୍ରାନନ ।

ଦୁର୍ଯ୍ୟୋଧନ ମହାବାକ୍ୟ ଉଚ୍ଚାରଣ ଘନେ
ପ୍ରଦାନଲେ ଶାମ୍ବେ ଚନ୍ଦ୍ରା ଯୁବତୀ ରତନେ
ହସ୍ତିନା ପୁରବାସୀଏ ବେଢ଼ିଛନ୍ତି କହି,
"ଏମନ୍ତ ସୁନ୍ଦର ବରକନ୍ୟା ଧରେ ମହୀ ।

Digitized by srujanika@gmail.com

ବୋଲି ତ ଜାଣି ନ ଥିଲୁ ହେଲୁ ଆଜ ଧନ୍ୟ
କରି ପୁଂସ ରତ୍ନେ ରମା ଲଲାମେ ଲୋକନ
ବରକନ୍ୟାଙ୍କୁ ଆଶିଷ ଦାନେ ଦେଇ ମନ୍ତ୍ର
ସର୍ବେ କଲେ ନେଇ ସାର୍ଥ ପଡ଼ୁ ହସ୍ତ ଗ୍ରନ୍ଥି ।

ଅର୍ଘ୍ୟ ଗଣ ବନ୍ଦାଇଣ ନେଲେ ବେନଜନେ
ବେନ ମଧ୍ୟେ ବରଷ୍ଟକ କ୍ରୀଡ଼ା ସମ୍ପାଦନେ
ମଙ୍ଗୋହ୍ମି କରିଲେ ବରକନ୍ୟା ଏକସ୍ଥାନେ
ବିଜେକଲେ ଦ୍ୱାରକାକୁ ରୁକ୍ମ ପୁଷ୍ପଯାନେ ।

ଦ୍ୱାର ରଜ ରମଣୀଏ କରନ୍ତେ ଲୋକନ
କହିଲେ "ଏ ବଧୂ କାହୁଁ ହୋଇଲା ଘଟନ
ଏତ ଲାବଣ୍ୟ ପୂରିତ ସୁବର୍ଣ୍ଣ ପ୍ରତିମା
ବିଧି ଗଢ଼ିଥିଲା କରି ସୌନ୍ଦର୍ଯ୍ୟର ସୀମା ।

ଭାଗ୍ୟ ବଳେ ସିନା ଆମ୍ଭେ ପାଇଲୁ ରମାକୁ"
ବୋଲି ନଉଛାଳି ନେଲେ ଜୁଆଁଇଙ୍କୁ ତାକୁ ।

ବ୍ରହ୍ମପୁର ଗୋପୀନାଥ ପ୍ରେସରେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କଦ୍ୱାରା ମୁଦ୍ରିତ, ୧୯୨୪

Digitized by srujanika@gmail.com

ପ୍ରାପ୍ତିସ୍ଥାନ

ଓଡ଼ିଶାର ବଡ଼ ବଡ଼ ବହି ଦୋକାନ

Digitized by srujanika@gmail.com